بِسْمِ اللّٰهِ الرَّحْمٰنِ الرَّحِيْمِ    نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ    وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ: ୨

ସମ୍ପାଦକ:

କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର
Weekly BADAR Qadian
କାଦିଆନ
Odia

ସଂଖ୍ୟା: 05
ବାର୍ଷିକ ଦେୟ : ୬୦୦/-

www.akhbarbadr.in

20 ରଜବ 1445 ହି.କ, 01 ତବଲିଗ୍ 1403 ହି.ଶ, 01 -FEB 2024 ମସିହା


**ଅଲ୍ଲାଃତାଲାଙ୍କ ବାଣୀ**

وَاعْلَمُوْٓا اَنَّمَآ اَمْوَالُكُمْ وَاَوْلَادُكُمْ فِتْنَةٌ ۙ وَّ اَنَّ اللّٰهَ عِنْدَهٗٓ اَجْرٌ عَظِيْمٌ

**(ଅଲ୍ ଅନ୍‌ଫାଲ୍-29)**

ଅନୁବାଦ : ଏବଂ ମନେରଖ ଯେ, ତୁମେମାନଙ୍କର ଧନ ସମ୍ପତ୍ତି ଓ ତୁମମାନଙ୍କର ସନ୍ତାନ ସନ୍ତତି କେବଳ ଏକ ପରୀକ୍ଷା ସଦୃଶ ଏବଂ ଅଲ୍ଲାଃତାଲାଙ୍କ ନିକଟରେ ହିଁ ଉତ୍କୃଷ୍ଟ ପୁରସ୍କାର ରହିଅଛି ।

**ଅହମଦିୟା ଖବର**

ଅଲହମଦୁ ଲିଲ୍ଲାଃ ହୁଜୁର ଅନଓ୍ୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନଓ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର ଅନଓ୍ୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

# ମର୍କଜେ ଅହେମଦିୟତ୍ କାଦିଆନ୍ ଦାରୁଲ୍ ଅମାନ ଠାରେ 128ତମ ଜଲସା ସାଲାନାର ସଫଳତମ ଏବଂ କଲ୍ୟାଣମୟ ଆୟୋଜନ ।

ସାଂପ୍ରତିକ ଯୁଗ ହେଉଛି ହ. ମସିହ୍ ମଉଦ୍ ଅ.ସଙ୍କ ଅବତୀର୍ଣ୍ଣର ଯୁଗ ଓ ପୁଣ୍ୟଶ୍ଲୋକ ହ. ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଅ.ସ ହିଁ ସେହି ପ୍ରତିଶୃତ ମସିହ୍ ଓ ଅଙ୍ଗୀକୃତ ମେହଦୀ ଅଟନ୍ତି ଯାହାଙ୍କ ଆଗମନର ଭବିଷ୍ୟତବାଣୀ ପବିତ୍ର କୁରଆନ୍ କରୀମ୍ ଓ ହ. ମୁହମ୍ମଦ ମୁସ୍ତଫା ସ.ଅ ପ୍ରଦାନ କରିଥିଲେ ।

---

ସମସ୍ତ ରାଷ୍ଟ୍ରମାନଙ୍କରେ ଜଲସାର ଆୟୋଜନ, ହ. ମସିହ୍ ମଉଦ୍ ଅ.ସଙ୍କ ନାମ ସମ୍ମାନପୂର୍ବକ ନିଆଯିବା, ଆପଣ ଅ.ସଙ୍କ ନାମର ଶ୍ଲୋଗାନ୍ ଇତ୍ୟାଦି ପ୍ରସଙ୍ଗ ହେଉଛି ସେହି ଐଶ୍ୱରୀକ ପ୍ରତିଶୃତିର ଚରିତାର୍ଥ ତଥା ଜ୍ୱଳନ୍ତ ପ୍ରମାଣ ଯେ, ଆପଣ ଅ.ସ ହିଁ ସେହି ପ୍ରତିଶୃତ ମସିହ୍ ଓ ଅଙ୍ଗୀକୃତ ମେହ୍ଦୀ ଅଟନ୍ତି ଯିଏ ଅଲ୍ଲାଃତାଲାଙ୍କ ପ୍ରତିଶୃତି ଅନୁଯାୟୀ ଓ ଆଁହଜରତ ସ.ଅଙ୍କ ଭବିଷ୍ୟତବାଣୀ ଅନୁଯାୟୀ ଆପଣ ସ.ଅଙ୍କ ଦାସତ୍ୱରେ ଆସିଅଛନ୍ତି ।

---

କାଦିଆନ୍‌ର ସେହି ଛୋଟିଆ ବସ୍ତି ଯାହା ଆଜକୁ ପ୍ରାୟ 125 ବର୍ଷ ପୂର୍ବେ ଏକ ସାଧାରଣ ବସ୍ତିଟିଏ ଥିଲା ତାହା ଆଜି ଏକ ସୁନ୍ଦର ଓ ଭବ୍ୟ ସହରର ରୂପ ଧାରଣ କରି ନେଇଛି । ସଂସାରର କୋଣ ଅନୁକୋଣରେ ଏହାର ଯଥେଷ୍ଟ ଖ୍ୟାତି ରହିଛି । ଏହି ଖ୍ୟାତି ହ. ମସିହ୍ ମଉଦ୍ ଅ.ସଙ୍କ ନାମ ଯୋଗୁଁ ହିଁ ସମ୍ଭବପର ହୋଇପାରିଛି। ଆପଣ ଅ.ସଙ୍କ ସହିତ ଅଲ୍ଲାଃତାଲା ଯେଉଁ ପ୍ରତିଶୃତି କରିଛନ୍ତି ସେହି ପ୍ରତିଶୃତି ଅନୁଯାୟୀ ଆଜି ଉକ୍ତ ବସ୍ତିରେ ପୃଥିବୀର ବିଭିନ୍ନ ପ୍ରାନ୍ତରୁ ସହସ୍ରାଧ ନାଗରିକମାନେ ଜଲସା ସାଲାନାରେ ସାମିଲ୍ ହେବା ନିମନ୍ତେ ଏକତ୍ରିତ ହୋଇଛନ୍ତି ।

---

ମୁସଲମାନମାନଙ୍କୁ ତ' ଉକ୍ତ କଥା ଉପରେ ପ୍ରସନ୍ନ ହେବା ଉଚିତ୍ ଯେ, ଆପଣ ଅ.ସ ହିଁ ସେହି ଅଙ୍ଗୀକୃତ ଧର୍ମାଧ୍ୟକ୍ଷ ଓ ପ୍ରତିଶୃତ ମସିହ୍ ଅଟନ୍ତି । କାରଣ ଯେଉଁ ଅବତାରଙ୍କ ଆଗମନ ସହିତ ଇସ୍‌ଲାମ୍ ଧର୍ମର ଦ୍ୱିତୀୟ ଯୁଗର ଅୟମାରମ୍ଭ ଆରମ୍ଭ ହେଲା, ଦୋଷ ଦୁର୍ବଳତା ଦୂରୀଭୂତ ହେବାର ଯୁଗ ଆସିଲା ଓ ପ୍ରଚାର ପ୍ରସାର ତଥା ତବ୍‌ଲିଗର ଯୁଗ ଆସିଲା । କିନ୍ତୁ ନାମକୁ ମାତ୍ର ବିଦ୍ୱାନମାନେ ସ୍ୱାର୍ଥ, ଲାଭ ସାଧାରଣ ମୁସଲମାନମାନଙ୍କୁ ସତ୍‌ମାର୍ଗରୁ ହଟାଇବା ନିମନ୍ତେ ଉଦ୍ୟମ କରୁଛନ୍ତି। କିନ୍ତୁ ଅଲ୍ଲାଃତାଲାଙ୍କର ଏହି ପ୍ରତିଶୃତି ମଧ୍ୟ ରହିଛି ଯେ, ଏମିତି ଏକ ସମୟ (ଯୁଗ) ଆସିବ ଯେ, ଏହି ଲୋକମାନେ ହିଁ ଆପଣ ଅ.ସଙ୍କୁ ସ୍ୱୀକାର କରିନେବେ ।

ନିଜର ପାଲେଷ୍ଟୀନୀୟ ଭାଇ ଭଉଣୀମାନଙ୍କୁ, ପିଲାମାନଙ୍କୁ ନିଜ ଦୁଆରେ ମନେ ରଖନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ଅନ୍ୟାୟ ଓ ଅତ୍ୟାଚାରର ଚକ୍ରବ୍ୟୁହରୁ ଉଦ୍ଧାର କରନ୍ତୁ । ପାକିସ୍ତାନର ଅହେମଦିମାନଙ୍କ ନିମନ୍ତେ, ଅଲ୍ଲାଃତାଲାଙ୍କ ସକାଶେ କାରାବରଣ ଭୋଗୁଥିବା ଅହେମଦିମାନଙ୍କ ନିମନ୍ତେ ମଧ୍ୟ ପ୍ରାର୍ଥନା କରନ୍ତୁ । ନୂତନ ବର୍ଷ ଆରମ୍ଭ ହେଉଅଛି । ଆଜି ରାତିରେ ତେହଜ୍ଜୁଦ୍ ନମାଜରେ ନବ ବର୍ଷ ମଙ୍ଗଳମୟ ହେବା ନିମନ୍ତେ, ସଂସାରରେ ଅନ୍ୟାୟ ଓ ଅତ୍ୟାଚାରର ପରିସମାପ୍ତି ହେବା ନିମନ୍ତେ, ସଂସାରକୁ ହ. ମସିହ୍ ମଉଦ୍ ଅ.ସଙ୍କ ଆଗମନର ଅଭିପ୍ରାୟକୁ ହୃଦୟଙ୍ଗମ କରିବା ନିମନ୍ତେ ଓ ଆପଣ ଅ.ସଙ୍କୁ ସ୍ୱୀକାର କରିବା ନିମନ୍ତେ ପ୍ରାର୍ଥନା କରନ୍ତୁ ।

**MTA ଇଣ୍ଟରନେସନାଲ ମାଧ୍ୟମରେ ସେୟେଦିନା ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦୁହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜଙ୍କ ଇସଲାମାବାଦ ୟୁ.କେରୁ ଜଲସାରେ ଅଂଶଗ୍ରହଣ କରିଥିବା ଲୋକମାନଙ୍କୁ ଚାତୁର୍ଯ୍ୟ ବର୍ଦ୍ଧକ ଉଦଯାପନୀ ଉଦବୋଧନୀ ।**

☆ତିନି ଦିନ ଧରି ଜଲ୍‌ସାର କାର୍ଯ୍ୟକ୍ରମର ସିଧାପ୍ରସାରଣ ଓ ଏମ.ଟି.ଏ ମାଧ୍ୟମରେ ଦେଶ ବିଦେଶର ରାଷ୍ଟ୍ରମାନେ ଜଲ୍‌ସାରୁ ବ୍ୟାପକ ରୂପେ ଉପକୃତ ହେବା☆ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ଏକ ଲକ୍ଷ ଷୋହଳ ହଜାର ଚାରି ଶହ ସଦସ୍ୟ ଜଲସା ସାଲାନାର କାର୍ଯ୍ୟକ୍ରମ ଦେଖିଲେ ଓ ଶୁଣିଲେ☆14930 ଜଣ ଅହେମଦିୟ ପ୍ରେମୀ ଜଲ୍‌ସା ସାଲାନାରେ ସାମିଲ୍ ହେଲେ☆42ଟି ଦେଶର ଉକ୍ତ ଜଲସା ସାଲାନାରେ ପ୍ରତିନିଧିତ୍ୱ☆କେତେକ ଆଫ୍ରିକୀୟ ରାଷ୍ଟ୍ରମାନଙ୍କରେ ଜଲ୍‌ସା ଓ ଉଦ୍‌ଯାପନୀ ଉଦ୍‌ବୋଧନରେ ଅଂଶ ଗ୍ରହଣ କଲେ☆ଉଦ୍‌ଯାପନୀ ଉଦ୍‌ବୋଧନରେ ଇସ୍‌ଲାମାବାଦ ୟୁ.କେରେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କର ଜନସମାଗମ☆ନମାଜ ତେହଜ୍ଜୁଦ୍। ଦର୍‌ସୁଲ୍ କୁରଆନ୍ ଏବଂ ଈଶ୍ୱର ଚର୍ଚ୍ଚା ଦ୍ୱାରା ପରିବେଶକୁ ମୁଖରିତ କରିବା☆ବିଦ୍ୱାନ୍‌ମାନଙ୍କର ମର୍ମସ୍ପର୍ଶୀ ଭାଷଣ☆୨ଟି ଭାଷାରେ ଜଲ୍‌ସା ସାଲାନାର କାର୍ଯ୍ୟକ୍ରମର ସିଧା ସଳଖ ଅନୁବାଦ☆ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ଜ୍ଞାନରେ ଅଭିବୃଦ୍ଧି ନିମନ୍ତେ ସାଂସ୍କାରିକ ବିଷୟବସ୍ତୁ ଉପରେ ଆଧାରିତ ଡକ୍ୟୁମେଣ୍ଟାରୀ ଓ ବିଭିନ୍ନ ପ୍ରଦର୍ଶନୀର ଆୟୋଜନ☆ନିକାହ୍ ଆଦିର ଘୋଷଣା☆ମୁଦ୍ରିତ ଗଣମାଧ୍ୟମ ଏବଂ ଇଲେକ୍ଟ୍ରୋନିକ (ବୈଦ୍ୟୁତିକ) ଗଣମାଧ୍ୟମରେ ଜଲ୍‌ସାର କଭରେଜ୍☆ପ୍ରଶାନ୍ତମୟ ତଥା ସୁଖକର ପରିବେଶରେ ଜଲ୍‌ସାର ସମସ୍ତ କାର୍ଯ୍ୟକ୍ରମ ସମାପନ☆**(ମନ୍‌ସୁର୍ ଅହେମଦ ମସ୍ରୁର୍, ରିପୋର୍ଟିଂ ସଂଚାଳକ)**

**(ଦ୍ୱିତୀୟ ଭାଗ)**

**ପ୍ରଥମ ଦିନ ଦ୍ୱିତୀୟ ସତ୍ରର ଜଲ୍‌ସା**

ଜଲ୍‌ସା ସାଲାନା କାଦିଆନ୍‌ର ପ୍ରଥମ ଦିନର ଦ୍ୱିତୀୟ ସତ୍ରର ଜଲ୍‌ସା ଠିକ୍ ଦିବା 2.00ଟାରେ ଆରମ୍ଭ ହେଲା । ଉକ୍ତ ଇଜ୍‌ଲାସର ସଭାପତିତ୍ୱ ସମ୍ମାନନୀୟ ରଫିକ୍ ଅହେମଦ୍ ସାହେବ ମାଲାବାରି ୱକିଲେ ଆଲା ତେହରିକେ ଜଦିଦ୍ କାଦିଆନ୍‌ଅଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଲା ଓ ପ୍ରଥାନୁଯାୟୀ ତିଲାୱତ୍ କୁରଆନ୍ କରିମ୍ ହାଫିଜ୍ ଉମୈର୍ ଅବ୍‌ବାସ୍ ନାଏକ୍ ସାହେବ, ଶୋବା ୱକ୍‌ଫେ ନଅ ଭାରତ କଲୋ ମହୋଦୟ ସୁରତୁଲ୍ ଅନ୍‌ଫାଲ୍‌ର ଆୟତ୍ ନଂ 20-25ରେ ତିଲାୱତ୍ କରିବାର ସୌଭାଗ୍ୟ ଅର୍ଜନ କଲେ । ତତ୍‌ପଶ୍ଚାତ୍ ସମ୍ମାନନୀୟ ଡ଼ାକ୍ତର ଜାୱେଦ୍ ଅହେମଦ

ଲୋନ୍ ସାହେବ, ନାଜିର୍ ଦିୱାନ୍ କାଦିଆନ୍ ତଫସିର୍ ସଗିରରୁ ଏହାର ଉର୍ଦ୍ଦୁ ଅନୁବାଦ ଉପସ୍ଥାପିତ କଲେ । କାଦିଆନ୍ ସ୍ଥିତ ନିଜାମତ୍ ଜାଏଦାଦ୍ ବିଭାଗର ମୁବଲ୍ଲିଗ୍ ସିଲସିଲା ସମ୍ମାନନୀୟ ସଇଦ୍ ଅହେମଦ ସାହେବ ମଲ୍କାନା ହ. ମସିହ୍ ମଉଦ୍ ଅ.ସଙ୍କ କବିତା

"وہ پیشوا ہمارا جس سے ہے نور سارا   نام اُسکا ہے محمد دلبر میرا یہی ہے۔"

ମଧ୍ୟରୁ କେତେକ ପଂକ୍ତି ଅତ୍ୟନ୍ତ ସୁନ୍ଦର କଣ୍ଠରେ ଗାଇ ଶୁଣାଇଲେ । ଉକ୍ତ ଇଜ୍‌ଲାସ ଅର୍ଥାତ୍ ପ୍ରଥମ ସତ୍ରର ପ୍ରଥମ ଭାଷଣ **"ସିରତ୍ ସାହାବା ହ. ଉସ୍‌ମାନ୍ ର.ଅ"**ଙ୍କ ବିଷୟ ବସ୍ତୁ ଉପରେ ସମ୍ମାନନୀୟ ମୌଲାନା ଜୈନୁଦ୍ଦୀନ୍ ହାମିଦ୍ ସାହେବ ନାଜିମ୍ ସାହେବ ଦାରୁଲ୍ କଜା କାଦିଆନ୍ କଲେ ।

ଉକ୍ତ ଇଜ୍‌ଲାସର ଦ୍ୱିତୀୟ ଭାଷଣ **"ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ (ପଞ୍ଚମ) ଅ.ବଙ୍କ ଖୁତ୍‌ବାତ୍ ଓ ଖିତାବାତ୍‌ରୁ ଉପକୃତ ହେବାର ମହତ୍ତ୍ୱ ତଥା କଲ୍ୟାଣ"** ପ୍ରସଙ୍ଗରେ ମୌଲାନା ମୁନୀର୍ ଅହେମଦ୍ ସାହେବ ଖାଦିମ୍ ଏଡ଼ିଶ୍‌ନାଲ୍ (ଅତିରିକ୍ତ) ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ଜୁନୁବୀ (ଦକ୍ଷିଣ ଭାରତ) ହିନ୍ଦ୍ ଭାଷଣ ପ୍ରଦାନ କଲେ ।

ଉକ୍ତ ଇଜ୍‌ଲାସ୍‌ର ତୃତୀୟ ଭାଷଣ **"ବା ଶରାହ୍ ଚନ୍ଦା ଔର୍ ନିଜାମେ ୱସିୟତ୍ କି ଅହମିୟତ୍ ଓ ବରକାତ୍"** ବିଷୟବସ୍ତୁ ଉପରେ ମୌଲାନା ସୟେଦ୍ କଲୀମୁଦ୍ଦୀନ୍ ସାହେବ୍ ମୁବଲ୍ଲିଗ୍ ସିଲସିଲା ଓ କାଜିଏ ସିଲ୍‌ସିଲା ପ୍ରଦାନ କଲେ ।

**ତା-30 ଡିସେମ୍ବର 2023 ମସିହା ଶନିବାର ଦ୍ୱିତୀୟ ଦିନ ଜଲ୍‌ସାର ପ୍ରଥମ ସତ୍ରର ଇଜ୍‌ଲାସ୍**

ଦ୍ୱିତୀୟ ଦିନ ପ୍ରଥମ ସତ୍ରର ଇଜ୍‌ଲାସ୍ ସମ୍ମାନନୀୟ ମୁନୀର ଅହମଦ ସାହେବ ହାଫିଜାବାଦି, ସେକ୍ରେଟାରୀ ମଜ୍‌ଲିସ୍ କାରପର୍ଦାଜ୍ ବହିଶ୍‌ତି ମକ୍‌ବରାହ୍ କାଦିଆନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଲା । ସେହିପରି ତିଲାୱତ୍ କୁରଆନ୍ କରୀମ୍ ଯାମିଆ ଅହେମଦିୟା କାଦିଆନ୍‌ର ଛାତ୍ର ଲୁକ୍‌ମାନ୍ ଅହେମଦ ତକି କଲେ । ଏହାର ଉର୍ଦ୍ଦୁ ଅନୁବାଦ କାଦିଆନ୍‌ର ସାପ୍ତାହିକ ବଦର୍‌ର ମ୍ୟାନେଜର (ପରିଚାଳକ) ସମ୍ମାନନୀୟ ମୌଲବୀ ଶୈଖ୍ ମୁଜାହିଦ୍ ଅହେମଦ ଶାସ୍ତ୍ରୀ ସାହେବ ଉପସ୍ଥାପିତ କଲେ । ଏତଦ୍‌ପରେ ସମ୍ମାନନୀୟ ଦବିର୍ ଅହେମଦ୍ ଶମିମ୍ ସାହେବ ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ କବିତା ଅତ୍ୟନ୍ତ ସୁନ୍ଦର କଣ୍ଠରେ ପାଠ କଲେ (ଗାଇଲେ) ।

ଦ୍ୱିତୀୟ ଦିନର ପ୍ରଥମ ଅଧିବେଶନ ବା ସତ୍ରର ପ୍ରଥମ ଭାଷଣ ହାଇଦ୍ରାବଦ୍ ଜିଲ୍ଲାର ମୁବଲ୍ଲିଗ୍ ଇନ୍‌ଚାର୍ଜ ତଥା ଅମୀର ସମ୍ମାନନୀୟ ହମିଦୁଲ୍ଲାଃ ହସନ୍ ସାହେବ **"ଶୋହଦାଏ ଅହେମଦିୟତ୍ କି ଅଦିମୁଲ୍ ମିସାଲ୍ କୁର୍ବାନୀଆଁ"** ବଷୟବସ୍ତୁ ଉପରେ ଭାଷଣ ପ୍ରଦାନ କଲେ ଏବଂ କବିତା "خوں شہیدانِ اُمّت کا اے کم نظر، رائیگاں کب گیا تھا کہ اب جائیگا" ଉପସ୍ଥାପିତ କଲେ ।

ଏତଦ୍‌ପରେ ଇଜ୍‌ଲାସ୍‌ର ଦ୍ୱିତୀୟ ଭାଷଣ ସମ୍ମାନନୀୟ ମୁଜଫ୍ଫର ଅହେମଦ ନାସିର୍ ସାହେବ, ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟା କାଦିଆନ୍ **"ଜମାଆ୍‌ତ ଅହେମଦିୟା କେ ରୌଶନ୍ ମୁସ୍ତକବିଲ୍"** ବିଷୟ ବସ୍ତୁ ଉପରେ ହ. ମସିହ୍ ମଉଦ୍ ଅ.ସଙ୍କ ଓ ଖୋଲଫାଏ କରାମ୍‌ଙ୍କ ଆଦେଶାବଳୀର ପ୍ରକାଶରେ ପ୍ରଦାନ କଲେ ।

**ଭାଷଣ ସଂକ୍ରାନ୍ତରେ ଶ୍ରୋତାମଣ୍ଡଳୀଙ୍କର ପ୍ରତିକ୍ରିୟା**

ଏତଦ୍‌ପରେ ନିମ୍ନ ଲିଖିତ ଅତିଥିମାନଙ୍କ ପକ୍ଷରୁ ଭାଷଣ ସଂକ୍ରାନ୍ତରେ ପ୍ରତିକ୍ରିୟା ନିଆଯାଇଥିଲା । ଘାନାର ଆଞ୍ଚଳିକ ମନ୍ତ୍ରୀ W.A.ସମ୍ମାନନୀୟ ହଫିଜ୍ ବିନ୍ ସାଲେହ୍ ସାହେବ, ଇଣ୍ଡୋନିସାଆର ଉମୁରେ ଖାର୍ଜାର ମୁଖ୍ୟ ସଚିବ ସମ୍ମାନନୀୟ ସୁନାର୍ଟୋ ସାହେବ, ବାଂଲାଦେଶର ସମ୍ମାନନୀୟ ମୌଲାନା ସାଲେହ୍ ଅହେମଦ୍ ସାହେବ। ଉକ୍ତ ଇଜ୍‌ଲାସର ତୃତୀୟ ଭାଷଣ ଏଡ଼ିଶ୍‌ନାଲ୍ ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ନୁରୁଲ୍ ଇସ୍‌ଲାମ୍ କାଦିଆନ୍‌ର ସମ୍ମାନନୀୟ ତାରିକ୍ ଅହେମଦ ସାହେବ ପ୍ରଦାନ କଲେ । ମହୋଦାୟ **"ଆନ୍ତର୍ଜାତିକ ଧ୍ୱଂସ ସଂକ୍ରାନ୍ତରେ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ସତର୍କ ସୂଚନା ଏବଂ ସହାନୁଭୂତିପୂର୍ଣ୍ଣ ଉପଦେଶ ତଥା ଜମାଅତ୍ ଅହେମଦିୟାର ଦାୟିତ୍ୱାବଳୀ"** ବିଷୟବସ୍ତୁ ଉପରେ ଭାଷଣ ପ୍ରଦାନ କଲେ ।

**ଦ୍ୱିତୀୟ ଦିନ ଦ୍ୱିତୀୟ ସତ୍ରର ଜଲ୍‌ସା**

ଦ୍ୱିତୀୟ ଦିନ ଦ୍ୱିତୀୟ ସତ୍ରର ଇଜ୍‌ଲାସ୍‌ର ସଭାପତିତ୍ୱ ସଦର ମଜ୍‌ଲିସ୍ ୱକ୍‌ଫେ ଜଦିଦ୍ କାଦିଆନ୍‌ର ସମ୍ମାନନୀୟ ତନ୍‌ୱିର୍ ଅହେମଦ୍ ସାହେବ କଲେ । କାଶ୍ମୀରର ସମ୍ମାନନୀୟ ତାରିକ୍ ଅହେମଦ ଲୋନ୍ ସାହେବ ସୁରତୁଲ୍ ହୁଜରାତ୍‌ର ଆୟତ୍ ନଂ 12 ଓ 14ର ତିଲାୱତ୍ କଲେ । ଏହାର ଉର୍ଦ୍ଦୁ ଅନୁବାଦ ସମ୍ମାନନୀୟ ନାସିରୁଦ୍ଦୀନ୍ ସାହେବ ସଦର୍ ଉମୁମି ଲୋକାଲ୍ ଅଞ୍ଜୁମନ୍ ଅହେମଦିୟା କାଦିଆନ୍ ଶୁଣାଇଲେ। ସମ୍ମାନନୀୟ ମୁର୍ଶିଦ୍ ଅହେମଦ୍ ଡାର୍ ସାହେବ ଓ ତାଙ୍କର ଗାୟକଦଳ ତରାନା (ସଂଗୀତ) ପରିବେଷଣ କଲେ ।

ଦାୱତ୍ ଇଲଲ୍ଲାଃ ଶୁମାଲୀ ହିନ୍ଦ୍ (ଉତ୍ତର ଭାରତ)ର ନାଏବ୍ ନାଜିର୍ ସମ୍ମାନନୀୟ ତନ୍‌ୱିର ଅହେମଦ ସାହେବ ଖାଦିମ୍ **"ମାନବ ଜାତି ପ୍ରତି ସହାନୁଭୂତି"** ବିଷୟବସ୍ତୁ ଉପରେ ପଞ୍ଜାବୀ ଭାଷାରେ ଭାଷଣ ଦେଲେ । ପୁନଶ୍ଚ ଦ୍ୱିତୀୟ ଦିନ ଦ୍ୱିତୀୟ ସତ୍ରର ଇଜ୍‌ଲାସ୍ ଜଲ୍‌ସା ପେଶ୍‌ୱାୟାନେ ମଜାହିବ୍ ରୂପେ ପାଳନ କରାଯାଇଥାଏ । ଏଥି ନିମନ୍ତେ ଉକ୍ତ ଜଲ୍‌ସାରେ ବିଭିନ୍ନ ଧର୍ମର ବିଭିନ୍ନ ଧର୍ମଗୁରୁ ତଥା ସାଧୁ ସନ୍ଥ ଏବଂ ପଣ୍ଡିତ ଓ ପାଦ୍ରୀମାନଙ୍କୁ ଆମନ୍ତ୍ରିତ କରାଯାଇଥାଏ । ଏମାନଙ୍କ ବ୍ୟତୀତ ରାଜନୈତିକ ନେତୃବୃନ୍ଦ ମଧ୍ୟ ଉକ୍ତ ଜଲ୍‌ସାରେ ଅଂଶଗ୍ରହଣ କରିଥାଆନ୍ତି । ସେମାନେ ଜଲ୍‌ସା ଏବଂ ଜମାଅତ୍ ଅହେମଦିୟାର ଶିକ୍ଷା ପ୍ରତି ନିଜ ପୁଣ୍ୟାତ୍ମକ ସୁବିଚାରଧାର ବ୍ୟକ୍ତ କରିଥାଆନ୍ତି । ସମ୍ମାନନୀୟ ତନ୍‌ୱିର୍ ଅହେମଦ୍ ସାହେବ ଖାଦିମ୍ ନାଏବ୍ ନାଜିର୍ ଦାୱତ୍ ଇଲଲ୍ଲାଃ ଜଣ ଜଣ କରି ସମସ୍ତ ଅତିଥିମାନଙ୍କର ପରିଚୟ ପ୍ରଦାନ କଲେ ଓ ସେମାନଙ୍କୁ ନିଜର ବିଚାରଧାର ବ୍ୟକ୍ତ କରିବା ନିମନ୍ତେ ଅନୁରୋଧ କଲେ । ସେହି ଅତିଥିମାନଙ୍କର ନାମଗୁଡ଼ିକ ନିମ୍ନମତେ ପ୍ରଦାନ କରାଯାଇପାରେ ଯଥା- ଅବିନାଶ ଖନ୍ନା ସାହେବ ପୂର୍ବତନ ସାଂସଦ ଓ ବରିଷ୍ଠ ବି.ଜେ.ପି ନେତା କୁଲଦୀପ୍ ଧାଲିୱାଲ୍ ସାହେବ । ମହୋଦୟ ପଞ୍ଜାବ ପ୍ରଦେଶର ଏନ୍. ଆର୍ ଆଇ. ମନ୍ତ୍ରାଳୟର ମନ୍ତ୍ରୀ ଅଟନ୍ତି, ଜଗରୁପ୍ ସିଂହ ସେଖୁୱାଁ ସାହେବ । ମହୋଦୟ ଗୁରଦାସପୁର୍ ଜିଲ୍ଲାର ଆମ ଆଦମି ପାର୍ଟିର ଇନ୍‌ଚାର୍ଜ ଅଟନ୍ତି । ସମ୍ମାନନୀୟ ସୋମନ୍ତ ରାଏ ସାହେବ ଫାଦର୍ ବିଶପ୍ ନର୍ଥ ଇଣ୍ଡିଆ ଅମୃତସର, ଫତହ୍ ଜଙ୍ଗ୍ ସିଂ ବାଜ୍‌ୱା କାଦିଆନ୍‌ର ବିଧାୟକ ଖୁଶ୍‌ହାଲ୍ ବହଲ୍ ସାହେବ ସୁପୁତ୍ର ରମନ ବହଲ୍ ସାହେବ । ମହୋଦୟ ପଞ୍ଜାବ ପ୍ରଦେଶର ସ୍ୱାସ୍ଥ୍ୟ ବିଭାଗର ସଭାପତି ଅଟନ୍ତି । ସନ୍ଥ ବାବା ସୁଖ୍‌ଦେଓ ସିଂହ ଜୀ ବେଦୀ (ଗୁରୁ ନାନକ ଦେବ ଜୀଙ୍କ 16ତମ ବଂଶଧର), ବଟାଲା ତହସିଲ୍‌ର ଶିରି କୁଲ୍‌ସି ଥାନା ଅନ୍ତର୍ଗତ ଆମ୍ ଆଦମି ପାର୍ଟିର ବିଧାୟକ ସମ୍ମାନନୀୟ ଅମନ୍ ଶେର୍ ସିଂ ସାହେବ, ହୋଶିୟାର୍ ପୁର୍ ଜିଲ୍ଲାର ଛବେୱାଲ୍‌ର ବିଧାୟକ ସମ୍ମାନନୀୟ ଡ଼ାକ୍ତର ରାଜକୁମାର ସାହେବ । ମହୋଦୟ ପଞ୍ଜାବ ବିଧାନସଭା ପରିଷଦର ବିରୋଧୀ ଦଳରେ ନେତା ଅଟନ୍ତି । କାଦିଆନ୍ ବିଧାନସଭା ମଣ୍ଡଳୀର ବିଧାୟକ ଶ୍ରୀଯୁକ୍ତ ପ୍ରତାପ୍ ସିଂ ବାଜ୍‌ୱା ସାହେବ । ସି.ଏମ.ଡ଼ି ହିନ୍ଦ୍ ସମାଚାର ଗ୍ରୁପ ଅଫ୍ ଜାଲନ୍ଧରର ପଦ୍ମଶ୍ରୀ ଶ୍ରୀଯୁକ୍ତ ବିଜୟ କୁମାର ଚୋପ୍ରା ସାହେବ ।

ଜଲ୍‌ସାର ସଭାପତି ମହୟୋଦୟଙ୍କ ପକ୍ଷରୁ ସମସ୍ତ ଉପସ୍ଥତି ମଣ୍ଡଳୀଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରି ସଭାପତି ମହୋଦୟ ସମସ୍ତ ବକ୍ତାମାନଙ୍କର ମଧ୍ୟ କୃତଜ୍ଞତା ଜ୍ଞାପନ କଲେ ଓ ଜମାଅତ୍ ପକ୍ଷରୁ ସେମାନଙ୍କୁ ଚଦର, ଶଲ୍ (ଉତ୍ତରୀୟ) ଆଦି ଉପହାର ଉପସ୍ଥାପିତ କରାଗଲା ।

**(ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ.......)**

**ସଦର୍ ଅଞ୍ଜୁମନ୍ ଅହେମଦିୟା କାଦିଆନ୍ ଅନୁଷ୍ଠାନରେ ସେବା କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଧ୍ୟାନ ଦିଅନ୍ତୁ.....**

**ଦାରୁସ୍ ସନାଅତ୍ କାଦିଆନର Demonstrator/Ac & Refrigerator ଶିକ୍ଷକ ପଦବୀ ପାଇଁ ଘୋଷଣା ଓ ସର୍ତ୍ତାବଳୀ:**

(1) ପ୍ରାର୍ଥୀର ଶିକ୍ଷାଗତ ଯୋଗ୍ୟତା Air conditioning & Refrigiration Engineeringରେ ଡିଗ୍ରୀ/ଡିପ୍ଲୋମା କିମ୍ବା ସମକକ୍ଷ ସରକାରୀ ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନରୁ ଶିକ୍ଷା ପ୍ରାପ୍ତ କରିଥିବା ଉଚିତ୍ ଓ ପାଠ୍ୟକ୍ରମ (ଶିକ୍ଷା) ସମାପ୍ତ କରିବା ପରେ 6 ମାସର ଅଭିଜ୍ଞତା ପ୍ରାପ୍ତ କରିଥିବା ଉଚିତ୍ । (2) ପ୍ରାର୍ଥୀ ହିନ୍ଦୀ ଓ ଉର୍ଦ୍ଦୁ ଭାଷାରେ ସଂପୃକ୍ତ ଟ୍ରେଡ଼୍‌ରେ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢାଇବା ଏବଂ ଉତ୍ତମ ଶୈଳୀରେ ପ୍ରାକ୍ଟିକାଲ୍ Demonstrate କରିବାର ସମାର୍ଥ୍ୟତା ଥିବା ଉଚିତ୍ । (3) ସାପ୍ତାହିକ ବଦର୍‌ରେ ପ୍ରକାଶିତ ଶେଷ ଘୋଷଣା ପରେ 2 ମାସ ମଧ୍ୟରେ ଯେଉଁ ଆବେଦନଗୁଡ଼ିକ ପ୍ରାପ୍ତ ହେବ ସେହି ଆବେଦନଗୁଡ଼ିକୁ ବିଚାରକୁ ନିଆଯିବ । (4) ଇଣ୍ଟରଭ୍ୟୁରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀକୁ ନୁର୍ ହସ୍ପିଟାଲ୍ କାଦିଆନ୍‌ରୁ ଡାକ୍ତରୀ ପରୀକ୍ଷା କରାଇବାକୁ ହେବ ଓ ସେହି ପ୍ରାର୍ଥୀ ହିଁ ସେବା କରିବାକୁ ଯୋଗ୍ୟ ବୋଲି ବିବେଚିତ ହେବ ଯିଏ ନୁର୍ ହସ୍ପିଟାଲର ଡାକ୍ତରୀ ପରୀକ୍ଷାରେ ବୋର୍ଡ଼ର ରିପୋର୍ଟ ଅନୁଯାୟୀ ସ୍ୱାସ୍ଥ୍ୟବାନ ହେବ । (5) ଚୟନ ହେବା ସ୍ଥଳେ ପ୍ରାର୍ଥୀକୁ କାଦିଆନ୍‌ରେ ନିଜର ରହଣୀ ନିମନ୍ତେ ସ୍ୱୟଂ ବ୍ୟବସ୍ଥା କରିବାକୁ ହେବ । (6) କାଦିଆନ୍ ଗମନାଗମନର ଖର୍ଚ୍ଚ ପ୍ରାର୍ଥୀ ସ୍ୱୟଂ ବହନ କରିବେ ।

**ନୋଟ୍**: ପ୍ରାର୍ଥୀକୁ ଇଣ୍ଟରଭ୍ୟୁର ତାରିଖ ସଂକ୍ରାନ୍ତରେ ପରବର୍ତ୍ତୀ ସମୟରେ ସୂଚିତ କରିଦିଆଯିବ । ଅଧିକ ଜାଣିବା ନିମନ୍ତେ ନିମ୍ନ ଠିକଣାରେ ଯୋଗଯୋଗ କରନ୍ତୁ ।

**ନଜାରତ୍ ଦିୱାନ୍ ସଦର ଅଞ୍ଜୁମନ କାଦିଆନର ପିନ୍ କୋଡ଼୍-143516, ଯୋଗାଯୋଗ- 09682587713, 09646351280, କାର୍ଯ୍ୟାଳୟ- 01872-501130, Email: diwan@qadian.in**

☆ ☆ ☆

# (ଖୁତ୍‌ବା ଜୁମା)

"ଆମର ବିରୋଧୀମାନେ ଦିବାରାତ୍ର ଉଦ୍ୟମରତ ଅଟନ୍ତି ଓ ଆପ୍ରାଣ ଉଦ୍ୟମ ଦ୍ୱାରା ନାନା ଯୋଜନା ପ୍ରସ୍ତୁତ କରୁଛନ୍ତି, ଉକ୍ତ ସଂପ୍ରଦାୟକୁ ସମାପ୍ତ କରିବା ପାଇଁ ସଂପୂର୍ଣ୍ଣ ବଳ ପ୍ରୟୋଗ କରୁଛନ୍ତି । କିନ୍ତୁ ଅଲ୍ଲାଃତାଲା ଆମ ଜମାଅତ୍‌କୁ ବୃଦ୍ଧି କରି ଚାଲିଛନ୍ତି ।'' (ହ. ମସିହ୍ ମଉଦ୍ ଅ.ସ)

ଅଲ୍ଲାଃତାଲା ଯେଉଁ ବ୍ୟକ୍ତିକୁ ଅବତୀର୍ଣ୍ଣ କରନ୍ତି ଓ ଯିଏ ବାସ୍ତବ ରୂପେ ଅଲ୍ଲାଃତାଲାଙ୍କ ପକ୍ଷରୁ ହୋଇଥାଆନ୍ତି, ସେ ଦିନକୁ ଦିନ ଉନ୍ନତି କରିଥାନ୍ତି ଏବଂ ସେହି ବ୍ୟକ୍ତିର ପରମ୍ପରା ଦିନକୁ ଦିନ ଉନ୍ନତି ତଥା ଆଲୋକମୟ ହୋଇ ଚାଲିଥାଏ । ଏହି ସଂପ୍ରଦାୟକୁ ରୋକିବାକୁ ଚେଷ୍ଟା କରୁଥିବା ବ୍ୟକ୍ତି ଦିନକୁ ଦିନ ଧ୍ୱଂସ ଓ ତିରସ୍କୃତ ହୋଇ ଚାଲିଥାଏ । ଏହାର ବିରୋଧୀ ଓ ପ୍ରତ୍ୟାଖ୍ୟାନକାରୀ ପରିଶେଷରେ ଆକାଂକ୍ଷିତ ହୋଇ ମୃତ୍ୟୁ ବରଣ କରିଥାଆନ୍ତି ।

ନାମକୁ ମାତ୍ର ବିଦ୍ୱାନ ବୋଲାଉଥିବା ବିରୋଧୀମାନେ ଏହା ମନେକରନ୍ତି ଯେ, ସେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ଜମାଅତ୍‌କୁ ନିଜ ମୁହଁର ଫୁଙ୍କ ଦ୍ୱାରା ସମାପ୍ତ କରିଦେବେ । କିନ୍ତୁ ସେମାନେ ଜାଣନ୍ତି ନାହିଁ ଯେ, ସେମାନେ ଅଲ୍ଲାଃତାଲାଙ୍କର ମୁକାବିଲା କରୁଛନ୍ତି ଓ ଅଲ୍ଲାଃତାଲାଙ୍କ ବିପକ୍ଷରେ ଯେତେବେଳେ ଏମାନେ ଛିଡ଼ା ହୁଅନ୍ତି ସେତେବେଳେ ନିଜର ସର୍ବନାଶ ହିଁ କରିଥାଆନ୍ତି ।

---

ପାକିସ୍ତାନରେ ମଧ୍ୟ ଏକ ପାର୍ଶ୍ୱରେ ତ' ଆମମାନଙ୍କର ମିନାରାକୁ (ସୌଧ) ଭୂମିସାତ୍ କରୁଛନ୍ତି, ମସ୍‌ଜିଦ୍‌ର ମିହରାବ୍‌କୁ ଭୂମିସାତ୍ କରୁଛନ୍ତି ଅନ୍ୟ ପଟରେ ଅଲ୍ଲାଃତାଲାଙ୍କର ସୁସୁନ୍ଦର ମସ୍‌ଜିଦ୍ ଆମମାନଙ୍କୁ ପ୍ରଦାନ କରୁଛନ୍ତି ଓ ବହୁଳ ରୂପେ ପ୍ରଦାନ କରୁଛନ୍ତି ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ସତ୍ୟତା ଏବଂ ଆନ୍ତର୍ଜାତିକ ସ୍ତରରେ ଜମାଅତ୍‌ର ଉନ୍ନତିର ଚିତ୍ରକାରୀ କରୁଥିବା କେତେକ ବିଶ୍ୱାସବର୍ଦ୍ଧକ ଘଟଣାବଳୀର ଚର୍ଚ୍ଚା ।

ସିଆଲକୋଟ୍‌ର ଗୁଲାମ୍ କାଦିର୍ ସାହେବଙ୍କ ପତ୍ନୀ ପରୱିନ୍ ଅଖ୍ତର୍ ସାହେବା, ନାସିରାବାଦ ଘଟିୟାଲିୟାଁର ଚୌଧୁରୀ ୱସିମ୍ ସାହେବଙ୍କ ପତ୍ନୀ ମୁମ୍‌ତାଜ୍ ୱସିମ୍ ସାହେବା, ରାୱଲପିଣ୍ଡି ନାସିରାବାଦର ବ୍ରିଗେଡ଼ିୟର ମୁନୱର୍ ଅହେମଦ ନାସିର୍ ସାହେବ ଓ ରାୱଲପିଣ୍ଡିର ପୂର୍ବତନ ଅମୀର ଜମାଅତ୍ ଅବଦୁସ୍ ଶକୁର ମୁଲକ୍ ସାହେବଙ୍କ

---

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 19 May 2023 ମସିହା ଅନୁଯାୟୀ ୧୯ ହିଜ୍ରତ୍ /୧୪୦୨ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ଅଲ୍ଲାଃତାଲାଙ୍କର ଜମାଅତ୍ ଅହେମଦିୟା ଉପରେ କରିଥିବା କୃପା ଓ ଜମାଅତ୍‌ର ଅଭିବୃଦ୍ଧି ସଂକ୍ରାନ୍ତରେ ଚର୍ଚ୍ଚା କରି ଏକ ସ୍ଥଳେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଏହା ଅଲ୍ଲାଃତାଲାଙ୍କର ସର୍ବ ବୃହତ୍ ଚମତ୍କାର ଯେ, ବିରୋଧୀମାନଙ୍କ ଏଭଳି ପ୍ରତିବାଦ, ଅବଜ୍ଞକାରୀ କହିବା ସତ୍ତ୍ୱେ ଏବଂ ଦିବାରାତ୍ର ଅକ୍ଳାନ୍ତ ଉଦ୍ୟମ ସତ୍ତ୍ୱେ ଉକ୍ତ ଜମାଅତ୍‌ଟି ଉତ୍ତରୋତ୍ତର ପଥରେ ଆଗେଇ ଚାଲିଛି । ଆପଣ ଅ.ସ କୁହନ୍ତି: "ଆମର ବିରୋଧୀମାନେ ଦିବାରାତ୍ର ଉଦ୍ୟମରତ ଅଟନ୍ତି ଓ ଆପ୍ରାଣ ଉଦ୍ୟମ ଦ୍ୱାରା ନାନା ଯୋଜନା ପ୍ରସ୍ତୁତ କରୁଛନ୍ତି, ଉକ୍ତ ସଂପ୍ରଦାୟକୁ ସମାପ୍ତ କରିବା ପାଇଁ ସଂପୂର୍ଣ୍ଣ ବଳ ପ୍ରୟୋଗ କରୁଛନ୍ତି। କିନ୍ତୁ ଅଲ୍ଲାଃତାଲା ଆମ ଜମାଅତ୍‌କୁ ବୃଦ୍ଧି କରି ଚାଲିଛନ୍ତି । ତୁମେମାନେ ଜାଣ କି ତିହିଁରେ କେଉଁ ରହସ୍ୟ ଓ କେଉଁ ବ୍ରହ୍ମଜ୍ଞାନ ରହିଛି ? ତହିଁରେ ଏହି ରହସ୍ୟ ଏବଂ ଏହି ବ୍ରହ୍ମଜ୍ଞାନ ରହିଛି ଯେ, ଅଲ୍ଲାଃତାଲା ଯେଉଁ ବ୍ୟକ୍ତିକୁ ଅବତୀର୍ଣ୍ଣ କରନ୍ତି ଓ ଯିଏ ବାସ୍ତବ ରୂପେ ଅଲ୍ଲାଃତାଲାଙ୍କ ପକ୍ଷରୁ ହୋଇଥାଆନ୍ତି, ସେ ଦିନକୁ ଦିନ ଉନ୍ନତି କରିଥାନ୍ତି ଏବଂ ସେହି ବ୍ୟକ୍ତିର ପରମ୍ପରା ଅର୍ଥାତ ସଂପ୍ରଦାୟ ଦିନକୁ ଦିନ ଉନ୍ନତି ତଥା ଆଲୋକିତ ହୋଇ ଚାଲିଥାଏ । ଏହି ସଂପ୍ରଦାୟକୁ ରୋକିବାକୁ ଚେଷ୍ଟା କରୁଥିବା ବ୍ୟକ୍ତି ଦିନକୁ ଦିନ ଧ୍ୱଂସ ଓ ତିରସ୍କୃତ ହୋଇ ଚାଲିଥାଏ । ଜମାଅତ୍‌ର ବିରୋଧୀ ଓ ପ୍ରତ୍ୟାଖ୍ୟାନକାରୀ ବ୍ୟକ୍ତିମାନେ ପରିଶେଷରେ ଆକାଂକ୍ଷିତ ହୋଇ ମୃତ୍ୟୁ ବରଣ କରିଥାଆନ୍ତି ।'' ଅଲ୍ଲାଃତାଲା ଯେଉଁ ଅଭିଳାଷା ପ୍ରକାଶ କରିଛନ୍ତି ଯାହାକି ବାସ୍ତବ ପକ୍ଷେ ତାହାଙ୍କ ପକ୍ଷରୁ ହିଁ ନିର୍ଦ୍ଧାରିତ ଅଟେ ତାହାକୁ କେହି ବି ଅଟକାଇ ପାରିବ ନାହିଁ । ଶତ୍ରୁ ସତଚେଷ୍ଟା କରୁ ପଛେ ଏବଂ ଯେତେ ଯୋଜନା ପ୍ରସ୍ତୁତ କରୁ ପଛେ କିନ୍ତୁ ଅଲ୍ଲାଃତାଲା ଯେଉଁ ସଂପ୍ରଦାୟକୁ ଆରମ୍ଭ କରିଛନ୍ତି, ଯେଉଁ ସଂପ୍ରଦାୟକୁ ବୃଦ୍ଧି କରାଇବା ନିମନ୍ତେ ଇଚ୍ଛା ପ୍ରକାଶ କରିଛନ୍ତି ତାହାକୁ କେହି ବି ଅଟକାଇ ପାରିବ ନାହିଁ । କାରଣ ଯଦି ଏହି ଉଦ୍ୟମ ଦ୍ୱାରା ପ୍ରଭୁଙ୍କ ଦ୍ୱାରା ସ୍ଥାପିତ ସଂପ୍ରଦାୟ ଯଦି ଅଟକିଯାଏ ତେବେ ଏହା ସ୍ୱୀକାର କରିବାକୁ ପଡ଼ିବ ଯେ, ଅବରୋଧକାରୀ ବ୍ୟକ୍ତି ପ୍ରଭୁଙ୍କ ଉପରେ ବିଜୟ ଲାଭ କରିଛି । କିନ୍ତୁ ଅଲ୍ଲାଃତାଲାଙ୍କୁ କେହି ବି ପରାସ୍ତ କରି ପାରିବ ନାହିଁ ଓ ତାହାଙ୍କ ଉପରେ କେହି ବି ବିଜୟ ଲାଭ କରି ପାରିବ ନାହିଁ ।"

**(ମଲ୍‌ଫୁଜାତ୍, ଭାଗ-10, ପୃ-24, ପ୍ରକାଶନ ବର୍ଷ-1984 ମସିହା)**

ସୁତରାଂ ଉପରୋକ୍ତ କଥାକୁ ଚରିତାର୍ଥ ହେଉଥିବାର ଦୃଶ୍ୟ ଆମେମାନେ ପ୍ରତିଦିନ ଅବଲୋକନ କରୁଛେ । ଶତ୍ରୁମାନେ ବ୍ୟକ୍ତିଗତ ରୂପେ ମଧ୍ୟ ଉଦ୍ୟମ କରିଛନ୍ତି ଓ ସଂଗଠିତ ଏବଂ ସୁବ୍ୟବସ୍ଥିତ ହୋଇ ପ୍ରକାଶ୍ୟ ରୂପେ ଏକ ହୋଇ ଜମାଅତ୍ ବିରୁଦ୍ଧରେ ଷଡ଼ଯନ୍ତ୍ର କରିବା ପ୍ରତି ମଧ୍ୟ ଉଦ୍ୟମ କରିଛନ୍ତି । କିନ୍ତୁ ଅଲ୍ଲାଃତାଲା ଆପଣ ଅ.ସଙ୍କ ସହିତ ଯେଉଁ ପ୍ରତିଶ୍ରୁତି କରିଥିଲେ ଅର୍ଥାତ୍ "ମୁଁ ତୁମ୍ଭର ପ୍ରଚାରକୁ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପରିବ୍ୟାପ୍ତ କରାଇବି ।"

**(ତଜ୍‌କିରାହ୍, ପୃ-260, ଚତୁର୍ଥ ସଂସ୍କରଣ)**

ଆପଣ ଅ.ସ ପୁନଶ୍ଚ କୁହନ୍ତି: "ମୁଁ ତୁମ୍ଭର ନୈଷ୍ଠିକ ଏବଂ ଆନ୍ତରୀକତା ପ୍ରଦର୍ଶନ କରୁଥିବା ଗୋଷ୍ଠୀକୁ ବୃଦ୍ଧି କରିବି ।" **(ଆଇନା କମାଲାତେ ଇସ୍‌ଲାମ୍, ରୁହାନୀ ଖଜାଏନ୍, ଭାଗ-5, ପୃ-648)** ତଦନୁଯାୟୀ ଆମେମାନେ ଜମାଅତ୍‌କୁ ପୃଥିବୀରେ ପରିବ୍ୟାପ୍ତ ହେଉଥିବା ଅବଲୋକନ କରୁଛେ । ଏହି ନାମକୁ ମାତ୍ର ବିଦ୍ୱାନ ଏବଂ ବିରୋଧୀମାନେ ଭାବନ୍ତି ଯେ, ଆମେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ଜମାଅତ୍‌କୁ ନିଜ ପାଟିର ଫୁଙ୍କ ଦ୍ୱାରା ସମାପ୍ତ କରିଦେବେ । କିନ୍ତୁ ଏମାନେ ଜାଣନ୍ତି ନାହିଁ ଯେ, ସେମାନେ ଅଲ୍ଲାଃତାଲାଙ୍କ ସହିତ ମୁକାବାଲି କରୁଛନ୍ତି । ଶତ୍ରୁ ଯେତେବେଳେ ଅଲ୍ଲାଃତାଲାଙ୍କ ବିପକ୍ଷରେ ଛିଡ଼ା ହୁଏ ସେତେବେଳେ ତା' ନିଜର ହିଁ ବିନାଶ ଘଟିଥାଏ । ଅଲ୍ଲାଃତାଲା ଶତ୍ରୁ ବିପକ୍ଷରେ ନିଜ ଭକ୍ତକୁ ସାହାଯ୍ୟ ଓ ସମର୍ଥନ କରିଥାଆନ୍ତି ।

ଆମେମାନେ ଅଲ୍ଲାଃତାଲାଙ୍କର ସାହାଯ୍ୟ ଓ ସମର୍ଥନର ଦୃଶ୍ୟ ସଂସାରର ଦୂର ଦୂରାନ୍ତରେ ମଧ୍ୟ ଅବଲୋକନ କରୁଛେ । ଏଭଳି ଦୁର୍ଗମ ଅଞ୍ଚଳରେ ଯେଉଁଠି ଅତି ସହଜରେ ଜଣେ ସାଧାରଣ ମନୁଷ୍ୟ ପହଞ୍ଚି ପାରିବ ନାହିଁ, ଅତ୍ୟନ୍ତ ଜଟିଳ ମାର୍ଗ ହୋଇଥାଏ କିନ୍ତୁ ସେଠାରେ ଅଲ୍ଲାଃତାଲା ମଧ୍ୟ ନିଜର ସାହାଯ୍ୟ ଓ ସମର୍ଥନର ଦୃଶ୍ୟ ଆମମାନଙ୍କୁ ଅବଲୋକନ କରାଉଛନ୍ତି । ବିରୋଧୀମାନଙ୍କର ସତଚେଷ୍ଟା ସତ୍ତ୍ୱେ ସେମାନେ ଅକୃତକାର୍ଯ୍ୟର ମୁଖ ଦର୍ଶନ କରିଥାଆନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଧନ ଜୀବନର ହାନୀ ତଥା କ୍ଷତି ପହଞ୍ଚାଇ

ଭୟଭୀତ କରିବାକୁ ବିରୋଧୀମାନେ ଉଦ୍ୟମ କରିଥାଆନ୍ତି । କିନ୍ତୁ ଏହି ସମସ୍ତ କଥା ଜମାଅତ୍ର ସଦସ୍ୟମାନଙ୍କର ବିଶ୍ୱାସକୁ ଆହୁରି ବୃଦ୍ଧି କରିଥାଏ । ସଂସାରରେ ଅଲ୍ଲାଃତାଲାଙ୍କର ସମର୍ଥନର ଯେଉଁ ଘଟଣାବଳୀ ଘଟିଥାଏ, ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ଯେଉଁ ପ୍ରତିଶୃତି କରିଛନ୍ତି ତାହା କିପରି ପୂର୍ଣ୍ଣ ହେଉଅଛି ଏହାକୁ କଳନା କରିବା ଅସମ୍ଭବ ଓ ଦୁରୁହ ବ୍ୟାପାର ଅଟେ । କିନ୍ତୁ ମୁଁ ବର୍ତ୍ତମାନ ଜମାଅତର ଉନ୍ନତି ସଂପର୍କିତ କେତେକ ଘଟଣାବଳୀ ବର୍ଣ୍ଣନା କରିବି । ଅଲ୍ଲାଃତାଲା ଲୋକମାନଙ୍କ ମନରେ କିପରି ଏହି କଥା ଜାତ କରନ୍ତି ଯେ, ସେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍ ସଂସ୍ପର୍ଶରେ ଆସନ୍ତୁ ଓ ଆପଣ ଅ.ସଙ୍କୁ ସ୍ୱୀକାର କରନ୍ତୁ ।

କେତେକ ଲୋକମାନେ ବିରୋଧ କରନ୍ତି । କିନ୍ତୁ ଏହି ବିରୋଧ ସ୍ୱଳ୍ପ ଜ୍ଞାନ ଯୋଗୁଁ ହିଁ ହୋଇଥାଏ । ସେମାନେ ଯଦି ବାସ୍ତବତା ସହିତ ଅବବୋଧ ହୁଅନ୍ତି ତାହାହେଲେ ସେମାନେ କେବଳ ବିରୋଧ ପ୍ରଦର୍ଶନ କରିବା ପରିତ୍ୟାଗ କରିଦେବେ ତାହା ନୁହେଁ ବରଂ ହ. ମସିହ୍ ମଉଦ୍ ଅ.ସଙ୍କୁ ମଧ୍ୟ ସ୍ୱୀକାର କରି ନେବେ । ସୁତରାଂ ଏହିପରି ଏକ ଘଟଣାର ଚର୍ଚ୍ଚା କରି ଅମୀର ଜମାଅତ୍ କଙ୍ଗୋ କିନ୍ଶାସା ଉଲ୍ଲେଖ କରନ୍ତି ଯେ, ସେଣ୍ଟ୍ରାଲ୍ କଙ୍ଗୋ ରାଜ୍ୟ ଅନ୍ତର୍ଗତ ଗ୍ରାମର ଏକ ଅଂଶରେ ଇସା ସାହେବ ନାମକ ଆମର ଜଣେ ମୁଅଲ୍ଲିମ୍ ସାହେବ ଅଟନ୍ତି । ସେ ଜମାଅତ୍ର ପ୍ରତିନିଧି ଦଳ ସହିତ ତବ୍ଲିଗ୍ ନିମନ୍ତେ ସେଠାକୁ ଗଲେ । ଜିବ୍ରାଇଲ୍ ସାହେବ ନାମକ ସେଠାକାର ଜଣେ ବ୍ୟକ୍ତି ଜମାଅତର ବିରୋଧ କରିବା ଯୋଗୁଁ ବହୁ ପ୍ରସିଦ୍ଧ ଥିଲେ । ତାଙ୍କ ସହିତ ୱଫାତେ ମସିହ୍ ଓ ଜହୁରେ ଇମାମ୍ ମେହଦୀ ପ୍ରସଙ୍ଗରେ କଥୋପକଥନ ହେଲା। ଯେତେବେଳେ ତାଙ୍କୁ ଏହା ଜ୍ଞାତ ହୋଇଗଲା ଯେ, ହ. ଇସା ଅ.ସଙ୍କ ଜୀବୀତ ଅଷ୍ଠା ଯୋଗୁଁ **ନାଉଜୁବିଲ୍ଲାଃ** ନବୀ କରୀମ୍ ସ.ଅଙ୍କ ଅପମାନ ଓ ଆପଣ ସ.ଅଙ୍କ ସମ୍ମାନ ତଥା ମର୍ଯ୍ୟାଦା କ୍ଷୁର୍ଣ୍ଣ ହେଉଛି ସେତେବେଳେ ସେ ଉକ୍ତ କଥାକୁ ବୁଝିଗଲେ । ପାକିସ୍ତାନୀ ମୌଲବୀମାନଙ୍କ ପରି ସେ ଏକ୍ଜିଦିଆ, ଉଦ୍ଧତ ଓ ଧୃଷ୍ଟ ବ୍ୟକ୍ତି ନଥିଲେ ଏବଂ ଜହୁରେ ଇମାମ୍ ମେହ୍ଦୀର ଆସ୍ଥା ମଧ୍ୟ ସେ ବୁଝିନେଲେ। ସେ ସହସା ନିଜ ପରିବାରର 6 ଜଣ ସଦସ୍ୟ ଓ ନିଜର 21 ଜଣ ମୁକ୍ତଦି (ଅନୁଗାମୀ, ଇମାମ୍ ପଛରେ ନମାଜ ପଢୁଥିବା ବ୍ୟକ୍ତିମାନେ)ଙ୍କ ସମେତ ବୈଅତ୍ କରିନେଲେ । ଏହିପରି ଭାବରେ ଏଠାରେ ଜମାଅତ୍ ମଧ୍ୟ ସ୍ଥାପିତ ହୋଇଗଲା ।

ପୁନଶ୍ଚ କେତେକ ସ୍ଥାନରେ ଅଲ୍ଲାଃତାଲା ସ୍ୱୟଂ ସ୍ୱୀକୃତ ନିମନ୍ତେ ଭୂମି ପ୍ରସ୍ତୁତ କରିଥାନ୍ତି । ସୁତରାଂ ଗିନି କରାକେରିର ମୁବଲ୍ଲିଗ୍ ସାହେବ ଉଲ୍ଲେଖ କରନ୍ତି ଯେ, ସେଠାକାର ଏକ ଗ୍ରାମ କୋଟାୟା (Kotaya) ଗ୍ରାମରେ ତବଲିଗ୍ କରିବା ଉଦ୍ଦେଶ୍ୟରେ ପହଞ୍ଚିଲେ । ହ. ମସିହ୍ ମଉଦ୍ ଅ.ସଙ୍କ ସନ୍ଦେଶକୁ ବିସ୍ତୃତର ସହିତ ପହଞ୍ଚାଇଲେ ତେବେ ଗ୍ରାମର ସମସ୍ତ ମୁରବୀ ଲୋକମାନେ କହିଲେ, ସେ ନିଜ ଦଦାଙ୍କ ଠାରୁ ମେହ୍ଦୀ ନାମକ ଶବ୍ଦକୁ ଅନେକଥର ଶୁଣୁଥିଲେ । କିନ୍ତୁ ସେ ଉକ୍ତ କଥାକୁ କେବେ ବୁଝିପାରି ନଥିଲେ ଏବଂ ତାଙ୍କର ଦଦା ତାଙ୍କୁ ଏହାର ବିସ୍ତୃତ ବିବରଣୀ କେବେ ବି ପ୍ରଦାନ କରି ନଥିଲେ । କିନ୍ତୁ ଦଦା ଏହା କହିଲେ ଯେ, ମେହଦୀଙ୍କର ସଂପର୍କ ଇସ୍ଲାମ୍ ଧର୍ମ ସହିତ ରହିଛି । ଅତଏବ୍ ଆଜି ଯେତେବେଳେ ଆପଣ ଇମାମ୍ ମେହ୍ଦୀର ସବିଶେଷ ଚର୍ଚ୍ଚା କରିଛନ୍ତି ତେବେ ମୁଁ ସତ୍ହୃଦୟର ସହିତ ଜମାଅତ୍ ଅହେମଦିୟାରେ ପ୍ରବେଶ କରୁଛି । ସେହି ଇମାମ୍ ଜଣକ ଗ୍ରାମବାସୀଙ୍କୁ ସମ୍ବୋଧିତ କହି କହିଲେ ଯେ, ହେ ଲୋକମାନେ ! ଆପଣମାନେ ଏହି ଜମାଅତ୍କୁ ସ୍ୱୀକାର କରି ନିଅନ୍ତୁ । କାରଣ ମୁଁ ଅନେକ ଅଫ୍ରିକୀୟ ରାଷ୍ଟ୍ରର ଯାତ୍ରା କରିଛି ଓ ପ୍ରତ୍ୟେକ ସ୍ଥାନରେ ମୋତେ ଅହେମଦିଆ ମୁସଲିମ୍ ଜମାଅତ୍ ହିଁ ଇସଲାମ୍ ଧର୍ମର ପ୍ରକୃତ ସେବା କରୁଥିବାର ଦୃଶ୍ୟମାନ ହେଉଛି । କିନ୍ତୁ ଏହାର ବିପରୀତ ଅନ୍ୟ ସଂପ୍ରଦାୟମାନେ ସାଂସାରିକତା ଉପାର୍ଜନ କରିବାରେ ମାତିଛନ୍ତି କିମ୍ବା ଅନ୍ୟ ସଂପ୍ରଦାୟମାନେ ପରସ୍ପରକୁ ଅବଜ୍ଞାକାରୀ ବୋଲି ବିବେଚିତ କରିବା ନିମନ୍ତେ ନିଜର ଶୈକ୍ଷିକ ପରିଶ୍ରମ ପ୍ରଦର୍ଶନ କରୁଛନ୍ତି । କେବଳ ଏହି ଗୋଟିଏ ଜମାଅତ୍ ହିଁ ରହିଛି ଯିଏ ପବିତ୍ର କୁରଆନ୍ କରୀମ୍ ଓ ଇସ୍ଲାମ୍ ଧର୍ମର ସେବା କରୁଛି । ଅଲ୍ଲାଃତାଲାଙ୍କ କୃପାରୁ ଗ୍ରାମରେ ଇମାମ୍ଙ୍କ ସମେତ ଅନେକ ଲୋକମାନେ ବୈଅତ୍ କରିନେଲେ । ଫଳତଃ ଏକ ବୃହତ୍ ଓ ବିଶାଳ ଜମାଅତ୍ ସ୍ଥାପିତ ହୋଇଗଲା ।

ପୁନଶ୍ଚ ଗ୍ୟାମ୍ବିଆର ମୁବଲ୍ଲିଗ୍ ଇନ୍ଚାର୍ଜ ସାହେବ ତାଙ୍କର ଏକ ଜିଲ୍ଲା ଯାହାର ନାମ ନିୟମିନା ଅଟେ ତତ୍ସଂପର୍କରେ କୁହନ୍ତି । ଆମର ପ୍ରଚାରିକ ଟିମ୍ ସେଠାରେ ଗଲେ । ସେ ଇସ୍ଲାମ୍ ଧର୍ମ ଓ ଅହେମଦିୟତ୍ର ବାର୍ତ୍ତା ପହଞ୍ଚାଇଲେ । ଇମାମ୍ ମେହଦୀ ଅ.ସଙ୍କ ପ୍ରକୃତ ଓ ସୁନ୍ଦର ଶିକ୍ଷା ସଂପର୍କରେ ବୁଝାଇଲେ ଓ ବୈଅତ୍ର ଦଶଟି ସର୍ତ୍ତାବଳୀ ସଂକ୍ରାନ୍ତରେ ମଧ୍ୟ ପାଠ କରି ଶୁଣାଇଲେ । ଗ୍ରାମୀଣ ଲୋକ ଅଟନ୍ତି କିନ୍ତୁ ବୁଦ୍ଧି ଓ ବିବେକ ସମ୍ପନ୍ନ ବ୍ୟକ୍ତି ଅଟନ୍ତି । ଦଶ୍ ଶରାଏତେ ବୈଅତ୍ ଶୁଣି ସେ ଆଶ୍ଚର୍ଯ୍ୟ ଚକିତ ହୋଇ ଉଠିଲେ ଏବଂ ସେ ବୁଝିନେଲେ ଯେ, ଏହା ପ୍ରକୃତ ଇସ୍ଲାମୀୟ କଥନ ଅଟେ । ଏହାର ଭବିଷ୍ୟତବାଣୀ ଆଁହଜରତ ସ.ଅ କରିଥିଲେ । ଗ୍ରାମବାସୀମାନେ କହିଲେ କି ଆମମାନଙ୍କ ନିମନ୍ତେ ଏହା ପ୍ରଥମ ସୁଯୋଗ କି ଆମେମାନେ ଇସ୍ଲାମ୍ ଧର୍ମର ଏତେ ସୁନ୍ଦର ଶିକ୍ଷା ଓ ଭବ୍ୟ ଶିକ୍ଷା ସଂପର୍କରେ ଶୁଣିଲୁ । ଆମର ନାମକୁ ମାତ୍ର ବିଦ୍ୱାନ୍ ବୋଲାଉଥିବା ବିଦ୍ୱାନ୍ମାନଙ୍କ ଠାରୁ ଏହିଭଳି ସୁନ୍ଦର ବାର୍ତ୍ତା କୌଣସି ବ୍ୟକ୍ତି ଶୁଣିପାରିବ ନାହିଁ । ପରିଶେଷରେ ସେ ଏହା କହିଲେ ଯେ, ଅହେମଦିୟତ୍ ହିଁ ପ୍ରକୃତ ଇସ୍ଲାମ୍ ଅଟେ ଓ ଆମେମାନେ ଜମାଅତ୍ରେ ସାମିଲ୍ ହେଉଅଛୁ । ସେ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ, ଅହେମଦିୟତ୍ ହିଁ ଏକମାତ୍ର ସଂପ୍ରଦାୟ ଯିଏ ମାନବକୁ ଅଲ୍ଲାଃତାଲାଙ୍କ କୋପରୁ ଉଦ୍ଧାର କରିପାରିବ । ଅଲ୍ଲାଃତାଲାଙ୍କ କୃପାରୁ ଏକ ଦୀର୍ଘ ପ୍ରଚାରିତ ପ୍ରଶ୍ନୋତ୍ତର ସତ୍ର ପରେ ସମସ୍ତ ଲୋକମାନେ ଯେଉଁମାନଙ୍କର ସଂଖ୍ୟା ପ୍ରାୟ 200 ଥିଲା ସେମାନେ ବୈଅତ୍ କରି ଅହେମଦିୟତ୍ରେ ସାମିଲ୍ ହୋଇଗଲେ ।

ପୁନଶ୍ଚ ଆଫ୍ରିକା ମାହାଦେଶରୁ ଆମର ଜଣେ ମୁବଲ୍ଲିଗ୍ ସିଲସିଲା ଉଲ୍ଲେଖ କରନ୍ତି ଯେ, ପ୍ରଚାର ଭୂମିରେ ବେଳେବେଳେ ପ୍ରକାଶ୍ୟ ରୂପେ ସାଧାରଣ ଘଟଣା ଘଟିଥାଏ । କିନ୍ତୁ ପ୍ରକୃତରେ ଅଲ୍ଲାଃତାଲାଙ୍କର ସାହାଯ୍ୟ ଓ ସମର୍ଥନ କାର୍ଯ୍ୟ କରିଥାଏ । କୁହନ୍ତି ଯେ, ଆମର ତବ୍ଲିଗି ଟିମ୍ କାଉଣ୍ଟିର ଏକ ପ୍ରମୁଖ ସହର 'ବାମା' ଯାହାକି ଜିଲ୍ଲା ମୁଖ୍ୟାଳୟ ଅଟେ, ତବ୍ଲିଗ୍ କରିବାର କାର୍ଯ୍ୟକ୍ରମ ପ୍ରସ୍ତୁତ କରୁଥିଲା । ବର୍ତ୍ତମାନ ଆମେମାନେ ମସ୍ଜିଦ୍ରେ ହିଁ ବସିଥିଲୁ କି ସେହି ଟାଉନରୁ ଚାରିଜଣ ବ୍ୟକ୍ତିଙ୍କର ଏକ ପ୍ରତିନିଧିମଣ୍ଡଳ ଆମକୁ ସାକ୍ଷାତ୍ କରିବାକୁ ଆସିଲା। ତନ୍ମଧ୍ୟରେ ଜଣେ ମହିଳା ମଧ୍ୟ ରିହଥିଲେ । ଉକ୍ତ ମହିଳା ଜଣକ ଟାଉନ୍ର ମହିଳାମାନଙ୍କ ଗୋଷ୍ଠୀର ଅଧକ୍ଷା ଥିଲେ । ପ୍ରତିନିଧି ଦଳର ଜଣେ ସଦସ୍ୟ କହିଲେ କି ଆମେମାନେ ଆପଣଙ୍କୁ ନିମନ୍ତ୍ରଣ କରିବାକୁ ଆସିଛୁ । ଆପଣ ଆମ ଅଞ୍ଚଳକୁ ଆସନ୍ତୁ ଓ ଜମାଅତ୍ ଅହେମଦିୟାର ବାର୍ତ୍ତା ପହଞ୍ଚାନ୍ତୁ । କାରଣ ଆମମାନଙ୍କୁ ଏହି ସୂଚନା ମିଳିଛି ଯେ, ଆପଣଙ୍କ ଜମାଅତ୍ ତବ୍ଲିଗ୍ କରୁଛି ଓ ବିଶେଷ ରୂପେ ପିଲାମାନଙ୍କୁ ପବିତ୍ର କୁରଆନ୍ କରୀମ୍ ଶିଖାଇବା ନିମନ୍ତେ ବ୍ୟବସ୍ଥା କରିଥାଏ। ସୁତରାଂ ଆମେମାନେ ତା' ପର ଦିନ ସେଠାକୁ ଯିବାର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଦେଲୁ । ସେଠାରେ ପହଞ୍ଚି ଜମାଅତ୍ର ପରିଚୟ ପ୍ରଦାନ କଲୁ । ହ. ମସିହ୍ ମଉଦ୍ ଅ.ସଙ୍କ ଆଗମନ ଓ ଅଭିପ୍ରାୟ ଏବଂ ଉଦ୍ଦେଶ୍ୟ ସଂପର୍କରେ ବର୍ଣ୍ଣନା କଲେ। ଏହାପରେ ପ୍ରଶ୍ନୋତ୍ତରର ଏକ ଦୀର୍ଘ ପରମ୍ପରା ଜାରି ରହିଲା । କାର୍ଯ୍ୟକ୍ରମର ପରିସମାପ୍ତି ପରେ ସମସ୍ତ ଗ୍ରାମବାସୀମାନେ ଏହି ନିଷ୍ପତ୍ତି ନେଲେ ଯେ, ଆଜି ଆମେମାନେ ଜମାଅତ୍ରେ ପ୍ରବିଷ୍ଟ ହେଉଛୁ । ଏହିପରି ଭାବରେ ଏଠାରେ ମଧ୍ୟ ନୂତନ ଜମାଅତ୍ ସ୍ଥାପନ ହୋଇଗଲା ଓ ଏହାପରେ ସେ ଉକ୍ତ ଅଞ୍ଚଳର ସମସ୍ତ ପିଲାମାନଙ୍କୁ ଏକତ୍ରିତ କରି ଆମ ସମ୍ମୁଖରେ ଉପସ୍ଥାପିତ କରିଦେଲେ । ଅର୍ଥାତ୍ ଆଜି ଠାରୁ ଏମାନେ ଜମାଅତ୍ର ସନ୍ତାନ ଅଟନ୍ତି । ଆପଣ ଆମମାନଙ୍କୁ କୁହନ୍ତୁ ଏମାନଙ୍କୁ କିପରି ପବିତ୍ର କୁରଆନ୍ କରୀମ୍ର ଶିକ୍ଷା ଦିଆଯିବ ? ସୁତରାଂ ମୁବଲ୍ଲିଗ୍ ସାହେବ କୁହନ୍ତି ସେମାନଙ୍କ ମଧ୍ୟରୁ ଦୁଇ ଜଣ ବାଳକଙ୍କୁ ମୁଁ ପବିତ୍ର କୁରଆନ୍ କରୀମ୍ ଶିକ୍ଷା ଦେବା ନିମନ୍ତେ ମନୋନୀତ କଲି । କାରଣ ଏମାନଙ୍କୁ ପବିତ୍ର କୁରଆନ୍ କରୀମ୍ର ଶିକ୍ଷା ଦେବା ଦ୍ୱାରା ଏମାନେ ନିଜ ଗ୍ରାମକୁ ଫେରି ନିଜ ମସ୍ଜିଦ୍ରେ ନିଜ ଅଞ୍ଚଳରେ ପବିତ୍ର କୁରଆନ୍ କରୀମ୍ର କ୍ଲାସ୍ର ଆୟୋଜନ କରି ଅନ୍ୟ ପିଲାମାନଙ୍କୁ ଶିଖାଇବେ । ମୁବଲ୍ଲିଗ୍ ସାହେବ କୁହନ୍ତି ଯେ, ଆମେମାନେ ବର୍ତ୍ତମାନ ଏକ ଇଚ୍ଛା ପ୍ରକାଶ କିରଥିଲୁ କି ଅଲ୍ଲାଃତାଲା ସେହିକ୍ଷଣ ନିଜର ସାହାଯ୍ୟ ଓ ସମର୍ଥନ ଆମ ସହିତ ସଂଶ୍ଳିଷ୍ଟ କିରଦେଲେ । ପାକିସ୍ତାନ୍ରେ ଆମମାନଙ୍କର ପବିତ୍ର କୁରଆନ୍ କରୀମ୍ ପାଠ କରିବା କ'ଣ ଶୁଣା ଉପରେ ମଧ୍ୟ କଟକଣା ଜାରି କରାଯାଇଛି । ଜଣେ ଅହେମଦି ଉପରେ ଏଇଥିପାଇଁ ମକଦ୍ଦମା ଦାଏର୍ ହୋଇଗଲା ଯେ, ସେ କାହିଁକି ପବିତ୍ର କୁରଆନ୍ କରୀମ୍ର ତିଲାଓତ୍ ଶୁଣିଥିଲା । ଏ ହେଉଛନ୍ତି ସେହି ନାମକୁ ମାତ୍ର ବିଦ୍ୱାନ୍ ବୋଲାଉଥିବା ମୁସଲମାନମାନଙ୍କର ଇସ୍ଲାମ୍ । ଅନ୍ୟ ପାର୍ଶ୍ୱରେ ଲୋକମାନେ ନିଜର ସନ୍ତାନମାନଙ୍କୁ ଜମାଅତ୍କୁ ହସ୍ତାନ୍ତର (ଉତ୍ସର୍ଗ) କରୁଛନ୍ତି ।

### ଅଲ୍ଲାଃତାଲାଙ୍କ ବାଣୀ

"ୱମା ଅର୍ସଲନାକା ଇଲ୍ଲା ରହ୍ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

### ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍ରା ହତ୍ତା ତୁନ୍ଫିକୁ ମିମ୍ମା ତୁହିବ୍ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

କାରଣ ଜମାଅତ୍ ସେମାନଙ୍କର ସନ୍ତାନମାନଙ୍କୁ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ପ୍ରଦାନ କରୁ । କାରଣ ଜମାଅତ୍ ଅହେମଦିୟା ହିଁ ପବିତ୍ର କୁରଆନ୍ କରୀମ୍‌ର ସଠିକ୍ ଜ୍ଞାନର ଅଧିକାରୀ ଅଟେ ।

କେତେକ ଲୋକମାନେ ଅହେମଦି ହୋଇ ପୁନଶ୍ଚ କୌଣସି ଲୋଭର ବଶବର୍ତ୍ତୀ ହୋଇ ଯାଆନ୍ତି କିମ୍ବା ଭୟ ଯୋଗୁଁ ଅହେମଦିୟତ୍ ପରିତ୍ୟାଗ କରିଦିଅନ୍ତି ଓ ପୁନଶ୍ଚ ଏହା ମନେକରନ୍ତି ଯେ, ବର୍ତ୍ତମାନ ଏଠାରେ ଜମାଅତ୍‌କୁ ସମାପ୍ତ କିରଦେବୁ । କିନ୍ତୁ ଅଲ୍ଲାଃତାଲା ଏମାନଙ୍କର ଚିନ୍ତାଧାରାକୁ ଏମାନଙ୍କ ଉପରେ ହିଁ ଲେଉଟାଇ ଦିଅନ୍ତି ଓ ଜମାଅତ୍ ଉତ୍ତରୋତ୍ତର ପଥରେ ଆଗେଇ ଚାଲିଥାଏ । ଯେପରିକି ପ୍ରଭୁଙ୍କର ଜମାଅତ୍ ସହିତ ଓ ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ଏହି ପ୍ରତିଶ୍ରୁତି ରହିଛି ଯେ, ସେ ଜମାଅତ୍ ଏବଂ ହ. ମସିହ୍ ମଉଦ୍ ଅ.ସଙ୍କ ସନ୍ଦେଶ୍‌କୁ ପୃଥୀବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପରିବ୍ୟାପ୍ତ କରିଦେବେ । ଆଇଭରୀ କୋଷ୍ଟର ମୁବଲ୍ଲିଗ୍ ସାହେବ ଉଲ୍ଲେଖ କରନ୍ତି ଯେ, ଓମେ ରିଜନ୍‌ରେ କ୍ରିଏ ଜୁକିଏ (Kre Zoukoue) ନାମକ ଏକ ସ୍ଥାନ ରହିଛି ସେଠିକାରେ ଅନେକ ଲୋକ 2008 ମସିହାରେ ଜମାଅତ୍ ଅହେମଦିୟାରେ ପ୍ରବିଷ୍ଟ ହୋଇଯାଇଥିଲେ । ସେଠାରେ ଏକ ଛୋଟିଆ ମସଜିଦ୍‌ଟିଏ ଥିଲା ଯାହାକି ସେତେବେଳେ ନିର୍ମାଣଧୀନ ଥିଲା । ଲୋକମାନେ ସ୍ୱ ଉଦ୍ୟମରେ ଏହାକୁ ନିର୍ମାଣ କରୁଥିଲେ । ଉକ୍ତ ମସ୍‌ଜିଦ୍‌କୁ ଲୋକମାନେ ଜମାଅତ୍‌କୁ ପ୍ରଦାନ କରିଦେଲେ । ଜମାଅତ୍ ଉକ୍ତ ମସ୍‌ଜିଦ୍‌କୁ ସଂପୂର୍ଣ୍ଣ କରିନେଲା । କିନ୍ତୁ କିଛି କାଳ ଗଲା ପରେ ସେଠାକାର ସ୍ଥାନୀୟ ଇମାମ୍ ଯେକି ପ୍ରଥମେ ବୈଅତ୍ କରି ଜମାଅତ୍‌ରେ ସାମିଲ୍ ହୋଇଯାଇଥିଲା ତା' ମସ୍ତିଷ୍କରେ ଏହି ଦୋଷ ବା ବିଘ୍ନ ସୃଷ୍ଟି ହେଲା ଏବଂ ସେ ଜମାଅତ୍ ଠାରୁ ଭିନ୍ନ ହୋଇ ମସ୍‌ଜିଦ୍‌ରେ କବ୍‌ଜା (ଅଧିକାର) କରିନେଲା । ଏହାପରେ ସେ ଲୋକମାନଙ୍କୁ ମଧ୍ୟ ଉସ୍‌କାଇବାକୁ ଲାଗିଲା ଯେ, ଜମାଅତ୍ ଠାରୁ ଭିନ୍ନ ହୋଇଯାଅ । କିନ୍ତୁ ଅଲ୍ଲାଃତାଲାଙ୍କ କୃପାରୁ ଅହେମଦିୟତ୍‌ରେ ସେମାନେ ଅବିଚଳତା ପ୍ରଦର୍ଶନ କଲେ । ସେ ଯାହା ହେଉ ଯେତେବେଳେ ମୌଲବୀ ମସ୍‌ଜିଦ୍ ଉପରେ ଅଧିକାର କରିନେଲା ସେତେବେଳେ ସେହି ଲୋକମାନେ ସାମୟିକ ରୂପେ ପ୍ଲାଷ୍ଟିକ୍‌ର ଶିଟ୍ (ଚଦର) ଦ୍ୱାରା ଏବଂ କିଛି କାଠ ଏକତ୍ରିତ କରି ଏକ ସାମୟିକ ମସ୍‌ଜିଦ୍ ପରି ଶେଡ୍ (ଇସ୍ପାତ୍ ଟିଣ ଆଜବେଷ୍ଟର ଇତ୍ୟାଦି) ତିଆରି କରିନେଲେ ଓ ସେଠାରେ ନମାଜ ପାଠ ଆରମ୍ଭ କରିଦେଲେ । ନମାଜ ଜୁମା ଆରମ୍ଭ କଲେ ଓ ପୁନଶ୍ଚ କେହି ବି ଏକଥାର ଭୃକ୍ଷେପ କଲେ ନାହିଁ ଯେ, ଆମମାନଙ୍କର ପକ୍କା ମସ୍‌ଜିଦ୍‌ଟିଏ ଥିଲା । ଯାହାକୁ ଆମେମାନେ ଛାଡ଼ି ଦେଇ ଆସିଛୁ । ସେ ଯାହା ହେଉ ଅଲ୍ଲାଃତାଲା କୃପା କଲେ । ସେହି ବର୍ଷ ହିଁ ଜମାଅତ୍‌କୁ ସେଠାରେ ଦ୍ୱିତଳ ସୁନ୍ଦର ମସ୍‌ଜିଦ୍ ନିର୍ମାଣ କରିବାକୁ ସାମର୍ଥ୍ୟ ପ୍ରାପ୍ତ ହେଲା । ଉକ୍ତ ମସ୍‌ଜିଦ୍‌ର ଗୁମ୍ବଜ ଓ ମିନାରା (ସୌଧ) ମଧ୍ୟ ରହିଛି । ଯେଉଁ ମସ୍‌ଜିଦ୍ ଉପରେ ଅଣଅହେମଦି ଇମାମ ଅଦିକାର କରିନେଇଥିଲା ତା' ଠାରୁ ଅଧିକ ଗୁଣା ବୃହତ୍ ସୁନ୍ଦର ମସ୍‌ଜିଦ୍ ସେହି ଅଞ୍ଚଳରେ ନିର୍ମାଣ କରିନିଆଗଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ: ପାକିସ୍ତାନରେ ମଧ୍ୟ ଏକ ପାର୍ଶ୍ୱରେ ତ' ବିରୋଧୀମାନେ ଆମମାନଙ୍କର ମିନାରାକୁ ଭୂମିସାତ୍ କରୁଛନ୍ତି, ମସଜିଦର ମିହ୍‌ରାବକୁ ଭୂମିସାତ୍ କରୁଛନ୍ତି ଅନ୍ୟ ପଟରେ ଅଲ୍ଲାଃତାଲାଙ୍କର ସୁସୁନ୍ଦର ମସ୍‌ଜିଦ୍ ଆମମାନଙ୍କୁ ପ୍ରଦାନ କରୁଛନ୍ତି ଓ ବହୁଳ ରୂପେ ପ୍ରଦାନ କରୁଛନ୍ତି । ଅଲ୍ଲାଃତାଲା କିପରି ବିରୋଧୀମାନଙ୍କ ଉଦ୍ୟମ ବିପରୀତ ଆମମାନଙ୍କର ସାହାଯ୍ୟ କରୁଛନ୍ତି। ତତ୍‌ସଂକ୍ରାନ୍ତରେ ଚାଡ୍ ଆଫ୍ରିକାର ଏକ ଦେଶ ରହିଛି ସେଠାକାର ମୁବଲ୍ଲିଗ୍ ସିଲ୍‌ସିଲା ଉଲ୍ଲେଖ କରନ୍ତି ଯେ, 2022 ମସିହା ମାର୍ଚ୍ଚ ମାସରେ ଜମାଅତ୍‌ର ପ୍ରଥମ ମସ୍‌ଜିଦ୍ ଉଦ୍‌ଘାଟିତ ହେଲା । ଉକ୍ତ କଥା ହେଉଛି ବିଗତ ବର୍ଷର କଥା । ଚଳିତ ବର୍ଷର ଘଟଣା ଇନ୍‌ଶାଅଲ୍ଲାଃ ଆଗକୁ ଆସିବ । ଦାରୁଲ୍ ହୁକୁମତ୍ ଚାଡ୍‌ରେ ଆମ ଜମାଅତ୍‌ର ମସଜିଦ୍‌ର ଉଦ୍‌ଘାଟନ ହେଲା । ଈର୍ଷାଳୁ ବ୍ୟକ୍ତିମାନେ ନାନା ଷଡ଼ଯନ୍ତ୍ର କରୁଛନ୍ତି ଯେ, ଜମାଅତ୍ ଅହେମଦିୟା ଆମ ଦେଶରେ ଏକ ନୂତନ ଧର୍ମ ନେଇ ଆସିଯାଇଛି । ମସ୍‌ଜିଦ୍ ଉଦ୍‌ଘାଟନ ପରେ ଜମାଅତ୍‌ର ପ୍ରସିଦ୍ଧି ଟିକିଏ ବୃଦ୍ଧି ପାଇଲା କି ନାହିଁ ଈର୍ଷାଳୁ ବ୍ୟକ୍ତିମାନଙ୍କର ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାକୁ ଲାଗିଲା ଓ ସେମାନଙ୍କର ଗତିବିଧି ମଧ୍ୟ ବୃଦ୍ଧି ପାଇବାକୁ ଲାଗିଲା । ମୁବଲ୍ଲିଗ୍ ସାହେବ କୁହନ୍ତି ଯେ, ଆମ ଆଞ୍ଚଳର କେତେକ ଇମାମ୍, ନାମକୁ ମାତ୍ର ବୋଲାଉଥିବା ବିଦ୍ୱାନ୍ ତଥା ମୌଲବୀମାନେ ମସ୍‌ଜିଦ୍‌ରେ ଜମାଅତ୍ ବିରୁଦ୍ଧରେ ଭାଷଣ ଦେଉଛନ୍ତି, ପ୍ରପୋଗେଣ୍ଡା (ମତପ୍ରଚାର) କରୁଛନ୍ତି । ଅର୍ଥାତ୍ ଅହେମଦିୟା ମସ୍‌ଜିଦ୍‌କୁ ବନ୍ଦ କରିଦିଆଯାଉ । ଏ ସମ୍ବନ୍ଧରେ ସେମାନେ ଲୋକମାନଙ୍କୁ ଏକତ୍ରିତ କଲେ ଏବଂ ଚାଡ୍ ଇସ୍‌ଲାମିକ୍ କାଉନ୍‌ସିଲ୍‌କୁ ମଧ୍ୟ ଗଲେ, ସେମାନଙ୍କୁ କହିଲେ ଆପଣ ଅହେମଦିୟା ଜମାଅତ୍‌କୁ ମସଜିଦ୍ କାହିଁକି ନିର୍ମାଣ କରିବାକୁ ଦେଲେ ଏବଂ ମସ୍‌ଜିଦ୍‌କୁ ଜୁମା ନମାଜ ନିମନ୍ତେ କାହିଁକି ଖୋଲି ଦିଆଗଲା । ଉକ୍ତ ମସ୍‌ଜିଦ୍‌କୁ ତୁରନ୍ତ ବନ୍ଦ କରାଯାଉ। ଏହା ଦ୍ୱାରା ଆମ ଅଞ୍ଚଳରେ ଉପଦ୍ରବ ସୃଷ୍ଟି ହେଉଛି । ଇସ୍‌ଲାମିକ୍ କାଉନ୍‌ସିଲ୍ କହିଲା କି ଉପାସନା କରିବା ଅହେମଦିମାନଙ୍କର ମଧ୍ୟ ଅଧିକାର ଅଟେ । ମସ୍‌ଜିଦ୍ ଯାହାକି ଅଲ୍ଲାଃତାଲାଙ୍କ ଗୃହ ଅଟେ ଓ ଉପାସନା ପୀଠ ଅଟେ, ତା'କୁ କିପରି ବନ୍ଦ କରିପାରିବୁ ? ଆପଣମାନଙ୍କୁ ଯଦି କୌଣସି ଉପଦ୍ରବ ବ୍ୟାପୀବାର ଆଶଙ୍କ ରହିଛି ତାହାହେଲେ ଆପଣମାନେ ପୋଲିସ୍‌ରେ ଯାଇ ରିପୋର୍ଟ କରି ଦିଅନ୍ତୁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେଠାରେ ଇସ୍‌ଲାମିକ୍ କାଉନ୍‌ସିଲ୍‌କୁ ଅନ୍ତତଃ ସଦ୍‌ବୁଦ୍ଧି ଥିଲା ଏବଂ ନ୍ୟାୟପ୍ରିୟ ମଧ୍ୟ ଥିଲା ଯେ, ସେମାନେ କୌଣସି ଭୟକୁ ଖାତିର୍ କଲେ ନାହିଁ । ପାକିସ୍ତାନ୍‌ରେ ତ' ଜଜ୍ (ବିଚାରକ) ମଧ୍ୟ ଲୋକମାନଙ୍କର ଭୟ ଯୋଗୁଁ ଆମ ବିରୁଦ୍ଧରେ ରାୟ ଦେଇ ଦେଇଥାଆନ୍ତି । ଆମମାନଙ୍କୁ ସେଠାରେ ମସ୍‌ଜିଦ୍ କହିବା ତ' ଦୂରର କଥା ମସ୍‌ଜିଦ୍‌ରେ ନମାଜ ପାଠ କରିବା ଓ ଉପାସନା କରିବାର ଅନୁମତି ନାହିଁ । ସେ ଯାହା ହେଉ ଏହାପରେ ସେମାନେ ପୋଲିସ୍ ମୁଖ୍ୟାଳୟକୁ ଚାଲିଗଲେ ଓ ସେଠାରେ ଯାଇ ଅଭିଯୋଗ କଲେ ଯେ, ଆମ ଅଞ୍ଚଳରେ ଉପଦ୍ରବ ସୃଷ୍ଟି ହେଉଅଛି । ଅହେମଦିମାନଙ୍କ ମସ୍‌ଜିଦ୍‌କୁ ବନ୍ଦ କରି ଦିଆଯାଉ । ଏମାନେ ନୂତନ ଧର୍ମ ନେଇ ଚାଲି ଆସିଛନ୍ତି ଏବଂ **ନାଉଜୁବିଲ୍ଲାଃ** ଆଁହଜରତ ସ.ଅଙ୍କୁ ମଧ୍ୟ ଏମାନେ ସ୍ୱୀକାର କରନ୍ତି ନାହିଁ । ପୋଲିସ୍ ଅଫିସର ଆମ ଜମାଅତ୍‌ର ମୁବଲ୍ଲିଗ୍ ସିଲସିଲାଙ୍କୁ ଡକାଇଲେ । ଜମାଅତ୍‌ର ପଞ୍ଜୀକରଣ ପ୍ରତିଲିପି ଏବଂ ମସ୍‌ଜିଦ୍ ନିର୍ମାଣ କରିବାର ଅନୁମତି ପତ୍ର ଇତ୍ୟାଦି ଦେଖାଇବାକୁ କହିଲା । ମୁବଲ୍ଲିଗ୍ ସାହେବ ସମସ୍ତ ଡକ୍ୟୁମେଣ୍ଟ୍ ଉପସ୍ଥାପିତ କଲେ । ସେ ଯାହା ହେଉ ଉକ୍ତ ପୋଲିସ୍ ଅଫିସର ଜଣକ ମୁବଲ୍ଲିଗ୍ ସାହେବଙ୍କୁ କିହଲେ, ମୌଲବୀ ସାହେବ ! ଆପଣ ଯାଆନ୍ତୁ ମୁଁ ତଦନ୍ତ କରି ଆପଣଙ୍କୁ ଜଣାଇ ଦେବି । ଏହାପରେ ସେହି ପୋଲିସ୍ ଗ୍ରାମ ମୁଖ୍ୟଙ୍କୁ ଡକାଇଲେ ଓ ତାଙ୍କୁ ପଚାରିଲେ ଯେ, ତୁମ ଗ୍ରାମରେ ଅହେମଦିମାନେ ଏକ ମସ୍‌ଜିଦ୍ ନିର୍ମାଣ କରିଛନ୍ତି ଏବଂ ଏକ ନୂତନ ଧର୍ମ ଧରି ଆସିଛନ୍ତି ଓ ଆଁହଜରତ ସ.ଅଙ୍କୁ ସ୍ୱୀକାର କରନ୍ତି ନାହିଁ । ଗ୍ରାମ ମୁଖ୍ୟ କହିଲେ କି ଏପରି ତ' କୌଣସି କଥା ନାହିଁ । ମୁଁ ସ୍ୱୟଂ ତାଙ୍କ ମସ୍‌ଜିଦ୍‌ରେ ଜୁମା ନମାଜ ପାଠ କରିଛି । ସେମାନେ ତ' ମୁସଲମାନମାନଙ୍କପରି ନମାଜ ପାଠ କରନ୍ତି, ମୁଁ ଜମାଅତ୍ ଅହେମଦିୟାକୁ ବିଗତ ତିନି ବର୍ଷ ଧରି ଜାଣିଛି । ଏମାନେ ମାନବ ସେବାର ବଡ଼ ବଡ଼ କାର୍ଯ୍ୟ କରୁଛନ୍ତି। ସେ ଯାହା ହେଉ ପୋଲିସ୍ ଅଫିସର ଦିନେ ସ୍ୱୟଂ ମସ୍‌ଜିଦ୍‌କୁ ଆସିଲେ ଏବଂ ମସ୍‌ଜିଦ୍‌ରେ لَآ اِلٰہَ اِلَّا اللّٰہُ مُحَمَّدٌ رَّسُوْلُ اللّٰہ ଦେଖି ଆଶ୍ଚର୍ଯ୍ୟ ଚକିତ୍ ହୋଇଗଲା ଓ କହିଲା କି ଆପଣମାନେ ତ' ହ. ମୁହମ୍ମଦ୍ ସଅଙ୍କୁ ସ୍ୱୀକାର କରନ୍ତି । ମସ୍‌ଜିଦ୍ ହଲ୍‌ର ମଧ୍ୟ ଭାଗରେ ଏବଂ ଗର୍ଭ ଗୃହରେ ପବିତ୍ର କୁରଆନ୍ କରୀମ୍‌ର ଆୟତ୍ ଲିଖିତ ହୋଇଥିବା ଦେଖି ଆହୁରି ଆଶ୍ଚର୍ଯ୍ୟ ଚକିତ ହୋଇଗଲା । ପୁନଶ୍ଚ କହିଲା ଆପଣମାନଙ୍କର କିବ୍‌ଲା ମଧ୍ୟ ଗୋଟିଏ ଅଛି ଓ ମସ୍‌ଜିଦ୍‌ରେ ସଫ୍ (ଧାଡ଼ି) ମଧ୍ୟ ଅନ୍ୟ ମୁସଲମାନମାନଙ୍କର ମସ୍‌ଜିଦ୍ ପରି ସମାନ ରହିଛି । ମୁସଲମାନମାନେ ମୋତେ ଏହା କହିଥିଲେ ଯେ, ଏମାନେ ନୂତନ ଧର୍ମ ଉପସ୍ଥାପନ କରୁଛନ୍ତି। ସେ ଯାହା ହେଉ ପୋଲିସ୍ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ନାହିଁ। ଆଖପାଖରେ ଯେଉଁ ଅଣଅହେମଦିମାନେ ରହିଥିଲେ ସେମାନଙ୍କ ଘରେ ମଧ୍ୟ ଅଫିସର ଜଣକ ପଚାରିଲେ । ସେମାନେ ମଧ୍ୟ କହିଲେ କି ଆମମାନଙ୍କୁ ସେମାନଙ୍କ ଠାରୁ କୌଣସି ସମସ୍ୟା ନାହିଁ । ଏମାନେ ଯେତେବେଳେ ପୋଲିସ ଦ୍ୱାରା ଅକୃତକାର୍ଯ୍ୟ ହୋଇଗଲେ ସେତେବେଳେ ଏମାନେ ଘରମାନଙ୍କରେ ଯିବାକୁ ଲାଗିଗଲେ, ପଡ଼ୋଶୀମାନଙ୍କୁ କହିଲେ କି ତୁମେମାନେ ଅହେମଦିମାନଙ୍କୁ ଏଠାରୁ ତଡ଼ିଦିଅ ଏବଂ ତଡ଼ିଦେବା ପାଇଁ ଚିତ୍କାର କର, ପାଟିତୁଣ୍ଡ କର । ସେମାନେ ମଧ୍ୟ ଏହି ଉତ୍ତର ଦେଲେ ଯେ, ମସଜିଦ୍ ତ' ଅଲ୍ଲାଃତାଲାଙ୍କର ଘର ଅଟେ । ଆମେମାନେ ସେମାନଙ୍କ ଠାରେ ଏପରି କୌଣସି ଜିନିଷ ଦେଖିବାକୁ ପାଇ ନାହୁଁ ଯାହା ଇସ୍‌ଲାମ୍ ଧର୍ମ ଠାରୁ ଭିନ୍ନ ହୋଇଥିବ । ସେ ଯାହା ହେଉ ନା କାହିଁକି ସେମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଓ ପ୍ରତ୍ୟେକ ଦୃଷ୍ଟିରୁ ଅସଫଳତାର ମୁଖ ଦର୍ଶନ କରିବାକୁ ପଡ଼ିଲା ।

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid,
Jamat Ahmadiya Karadapalli (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman,
Jamat Ahmadiya Karadapalli (Odisha)

ଅଲ୍ଲାଃତାଲା ଜମାଅତ୍‌ରେ ସାମିଲ୍ ହେବା ନିମନ୍ତେ ଲୋକମାନଙ୍କ ହୃଦୟରେ କିପରି ଆହ୍ୱନ ସୃଷ୍ଟି କରନ୍ତି ତତ୍‌ସଂକ୍ରାନ୍ତରେ ବେଲିଜ୍‌ର ଜଣେ ମୁବଲ୍ଲିଗ୍ ସିଲ୍‌ସିଲା ବର୍ଣ୍ଣନା କରନ୍ତି । ବେଲିଜ୍ ସେଣ୍ଟ୍ରାଲ ଆମେରିକାର ଏକ ଦେଶ ଅଟେ । ସେଠାରେ ମେଥୋଡ଼ିଷ୍ଟ (Methodist) ଚର୍ଚ୍ଚ ସହିତ ସଂପର୍କ ରଖୁଥିବା ଜଣେ ମହିଳା ମସ୍‌ଜିଦେ ନୁର୍‌କୁ ନିର୍ମାଣ ହେଉଥିବା ଦେଖିଲେ ସେତେବେଳେ ତାଙ୍କ ମନରେ ଏହା ଉଦ୍ରେକ ହେଲା କି ତାଙ୍କୁ ଉକ୍ତ ଧର୍ମକୁ ସ୍ୱୀକାର କରିନେବା ଉଚିତ୍ । ଯେତେବେଳେ ମସ୍‌ଜିଦ୍‌ର ନିର୍ମାଣ ଶେଷ ହୋଇଗଲା ଓ ମସ୍‌ଜିଦ୍ ଲୋକାର୍ପିତ ହେଲା ସେତେବେଳେ ସେ ନିଜର ବନ୍ଧୁମାନଙ୍କୁ କହିଲେ, ପ୍ରଭୁ ମୋ ମନରେ ଏହି କଥା ସୃଷ୍ଟି କରିଛନ୍ତି ଯେ, ମୁଁ ସେଠାକୁ ଯିବି ଓ ସେହି ଜମାଅତ୍‌ର ଏକ ଅଂଶ ହୋଇଯିବି । ତାଙ୍କ ବନ୍ଧୁମାନେ କହିଲେ, ତୁମ ଘର ପାଖରେ ମୁସଲମାନମାନଙ୍କର ଆଉ ଏକ ମସ୍‌ଜିଦ୍ ମଧ୍ୟ ରହିଛି, ତେଣୁ ତୁମେ ଯଦି ମୁସଲମାନ ହେବାକୁ ଚାହୁଁଛ ତାହାହେଲେ ତୁମେ ସେଠାକୁ ଯାଇପାର । ପ୍ରତ୍ୟୁତ୍ତରରେ ଉକ୍ତ ମହିଳା ଜଣକ ଉତ୍ତର ଦେଲେ ଯେ, ନା । ଅଲ୍ଲାଃତାଲା ମୋ ମନରେ ଜମାଅତ୍ ଅହେମଦିୟା ସଂପର୍କରେ ଏହି କଥା ଜାତ କରିଛନ୍ତି ଯେ, ଏମାନେ ସଠିକ୍ ଲୋକ ଅଟନ୍ତି ଓ ମୋତେ ଏମାନଙ୍କ ସହିତ ହେବା ଉଚିତ୍ । ସୁତରାଂ ମହୋଦୟା ଯେତେବେଳେ ମସ୍‌ଜିଦେ ନୁର୍ ଆସିଲେ ଓ ତାଙ୍କୁ ଜମାଅତ୍‌ର ପରିଚୟ ପ୍ରଦାନ କରାଗଲା ସେତେବେଳେ ସେ ଅତ୍ୟନ୍ତ ଭାବବିହ୍ୱଳ ହୋଇ ପଡ଼ିଲେ । କାରଣ ଅଲ୍ଲାଃତାଲା ତାଙ୍କୁ କିପରି ଜମାଅତ୍ ପାଖକୁ ଟାଣି ଆଣିଲେ ଓ ପ୍ରବିଷ୍ଟ କରାଇଲେ । ମୁବଲ୍ଲିଗ୍ ସାହେବ ତାଙ୍କୁ କହିଲେ ଯେ, ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଅ.ସଙ୍କ ଉପରେ ଏହି ଐଶୀବାଣୀ ଅବତୀର୍ଣ୍ଣ କରିଥିଲେ ଯେ, ମୁଁ ତୁମ୍ଭର ପ୍ରଚାରକୁ ସଂସାରର କୋଣ ଅନୁକୋଣ ପର୍ଯ୍ୟନ୍ତ ପହଞ୍ଚାଇ ଦେବି । ତେବେ ହ. ମସିହ୍ ମଉଦ୍ ଅ.ସଙ୍କ ଜମାଅତ୍ ପାଇଁ ଅଲ୍ଲାଃତାଲା ଏହିପରି କାର୍ଯ୍ୟ କରିଥାଆନ୍ତି । ଅତଃ ମସ୍‌ଜିଦ୍ ଆସିବା ପରେ ଓ ଇସ୍‌ଲାମ୍ ଅହେମଦିୟତ୍‌ର ଶିକ୍ଷା ସଂକ୍ରାନ୍ତରେ ଜାଣିବା ପରେ ସେ କିଛି ଦିନ ମଧ୍ୟରେ ହିଁ ବୈଅତ୍ କରିନେଲେ ଓ ଜମାଅତ୍‌ରେ ସାମିଲ୍ ହୋଇଗଲେ ।

ବେଳେବେଳେ କେତେକ ବ୍ୟକ୍ତି ଯେଉଁମାନେ ଭ୍ରମ ବଶତଃ କିମ୍ବା ଲୋକମାନଙ୍କର କଥାରେ ପଡ଼ି ବିରୋଧ ପ୍ରଦର୍ଶନ କରିବା ଆରମ୍ଭ କରି ଦିଅନ୍ତି । କିନ୍ତୁ ସେମାନେ ସଦାଚାରୀ ଓ ସତ୍‌ସ୍ୱଭାବ ବ୍ୟକ୍ତି ଅଟନ୍ତି । ସେହିପରି ବ୍ୟକ୍ତିମାନଙ୍କର ମାର୍ଗଦର୍ଶନ ଅଲ୍ଲାଃତାଲା କିପରି କରନ୍ତି ତାହାର ଏକ ଘଟଣା ଗ୍ୟାମ୍ବିଆର ମୁବଲ୍ଲିଗ୍ ଇନ୍‌ଚାର୍ଜ ଉଲ୍ଲେଖ କରନ୍ତି ଯେ, ଜିଲ୍ଲା ଜମାର୍‌ରେ ଏକ ଅଞ୍ଚଳ ରହିଛି ସେଠାରେ ନୂତନ ଭାବରେ ନିର୍ମାଣ ହେବାକୁ ଥିବା ମସ୍‌ଜିଦ୍‌ର ଦ୍ୱାର ଓ ବାତାୟନ (ଝରକା) ନିମନ୍ତେ କାଚ କ୍ରୟ କରୁଥିଲେ । ଯେତେବେଳେ କାଚ କାଟିବା ନିମନ୍ତେ ଅବୁ ସବାଲି ସାହେବ ନାମକ ଜଣେ ବ୍ୟକ୍ତି ଅଟନ୍ତି ଯେକି ଉକ୍ତ କାର୍ଯ୍ୟରେ ଅଭିଜ୍ଞ ଓ ପାରଙ୍ଗମ ଥିଲେ ତାଙ୍କୁ କୁହଗଲା କି ମସ୍‌ଜିଦ୍ ପାଇଁ କାଚ କ୍ରୟ କରାଯାଇଛି । ସୁତରାଂ ସେ ନିଜର ମଜୁରୀ କମ୍ କରିଦେଲେ । କାରଣ ଏହା ମସ୍‌ଜିଦ୍ କାର୍ଯ୍ୟ ସକାଶେ ଉଦ୍ଦିଷ୍ଟ ଅଟେ, ତେଣୁ ମୁଁ କମ ମଜୁରୀ ନେବି । ମୁବଲ୍ଲିଗ୍ ସାହେବ କୁହନ୍ତି ଯେ, ଯେତେବେଳେ ଆମେମାନେ କାଚ ଧରି ଉକ୍ତ ବ୍ୟକ୍ତି ସହିତ ସେଠାରେ ପହଞ୍ଚିଲୁ ଯେକି କାଚ ଲଗାଇ ଥାଆନ୍ତା ସେ ଏହି ଅନତି ଦୂରବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଥିବା ଉକ୍ତ ମସ୍‌ଜିଦ୍‌ର ସୌନ୍ଦର୍ଯ୍ୟକୁ ଅବଲୋକନ କରି ଅତ୍ୟନ୍ତ ଅନନ୍ଦିତ ଓ ଉତଫୁଲ୍ଲିତ ହୋଇ ଉଠିଲା । କିନ୍ତୁ ଯେତେବେଳେ ସେ ଏହା ଜାଣିବାକୁ ପାଇଲା କି ଉକ୍ତ ମସ୍‌ଜିଦ୍‌ଟି ଅହେମଦି ମୁସଲମାନ ମସ୍‌ଜିଦ୍ ଅଟେ । ସେତେବେଳେ ସେ ସହସା କ୍ରୋଧିତ ହୋଇ ଉଠିଲା ଏବଂ କାଚ ଭାଙ୍ଗିଦେଲା । କାଚ ଭାଙ୍ଗିବା ସମୟରେ ସେ ନିଜେ ଆହତ ମଧ୍ୟ ହୋଇଗଲା । କିନ୍ତୁ ଅଲ୍ଲାଃତାଲା କିପରି ତା'ର ମାର୍ଗଦର୍ଶନ କଲେ । ସେ କୁହେ ଯେ, ମୁଁ ରାତ୍ରରେ ସ୍ୱପ୍ନରେ ନିଜକୁ ଚିତ୍କାର କରୁଥିବାର ଅବଲୋକନ କଲି ଓ ସମୁଦ୍ରରେ ନିଜକୁ ବୁଡ଼ି ଯାଉଥିବାର ଅବଲୋକନ କଲି ଓ ଯେତେବେଳେ ସେ ସାହାଯ୍ୟ ମିଳିବାର କୌଣସି ଆଶା ନଥିବାର ଦେଖିଲା । ଠିକ୍ ସେହି ସମୟରେ ତା'କୁ ଉଦ୍ଧାର କରିବା ପାଇଁ ଉକ୍ତ ଭେଳାରେ ଅମୀର୍ ଜମାଅତ ଓ ସେହି ମୁବଲ୍ଲିଗ୍ ସାହେବଙ୍କୁ ଦେଖିଲା । ପରବର୍ତ୍ତୀ ଦିନ ସକାଳ ଶୁକ୍ରବାର ଦିନ ଥିଲା ସେ ମିଶନ୍ ହାଉସ୍ ଆସିଲା ଓ ବୈଅତ୍ କରି ଅହେମଦିୟତ୍‌ରେ ସାମିଲ୍ ହୋଇଗଲା ।

ସେହିପରି ତାନ୍‌ଜାନିୟାରୁ ଅହେମଦିୟତ୍ ସ୍ୱୀକାର କରିବାର ଏକ ଘଟଣା ରହିଛି । ସେମ୍ୟୁନ ରିଜନ୍‌ରେ ମୱାବେମା ନାମକ ଏକ ଜମାଅତ୍ ରହିଛି । ସେଠାରେ ମୁଅଲ୍ଲିମ୍ ସାହେବ ତବଲିଗ କରିବା ଆରମ୍ଭ କଲେ । ସ୍ଥନୀୟ ଲୋକମାନଙ୍କ ଠାରୁ ମସ୍‌ଜିଦ୍ ଏବଂ ମିଶନ୍ ହାଉସ୍ ନିର୍ମାଣ ସକାଶେ ଯେତେବେଳେ ପ୍ଲଟ୍ କିଣିବାକୁ ଚାହିଁଲେ ସେତେବେଳେ ସେଠାରେ ଜମିର ମୂଲ୍ୟ ବହୁତ ଉଚ୍ଚ ଦର ବୋଲି ଜଣେ ବ୍ୟକ୍ତି କହିଲା । ପଚାରିବାରୁ ଜଣା ପଡ଼ିଲା ଯେ, ଆମ ବିରୁଦ୍ଧରେ ସ୍ଥାନୀୟ ପାଦରୀମାନେ ଏକ କ୍ୟାମ୍ପେନ (ଚକ୍ରାନ୍ତ) ଚଳାଇଛନ୍ତି ଯେ, କୌଣସି ବ୍ୟକ୍ତି ଅହେମଦିମାନଙ୍କୁ ମସ୍‌ଜିଦ୍ ନିର୍ମାଣ କରିବା ନିମନ୍ତେ ଜାଗା ନଦେଉ, ଜମି ବିକ୍ରି ନକରୁ । କାରଣ ଏମାନେ ଜାଦୁ (ଗୁଣୀ ଗାରେଡ଼ୀ) କରନ୍ତି ଓ ଏମାନଙ୍କ ନିକଟରେ ଜିନ୍ ହୁଅନ୍ତି ଓ ପବିତ୍ର କୁରଆନ୍ କରୀମ୍ ମାଧ୍ୟମରେ ଏମାନେ ଯାହାକୁ ଚାହିଁବେ ତାହାକୁ ହତ୍ୟା କରିଦେଇ ପାରିବେ ଏବଂ ଅନ୍ୟ କେହି ଜାଣି ମଧ୍ୟ ପାରିବେ ନାହିଁ । ଏହି ଭୟ ଯୋଗୁଁ କୌଣସି ବ୍ୟକ୍ତି ମସ୍‌ଜିଦ୍ ନିର୍ମାଣ ସକାଶେ ସ୍ଥାନ ବା ଜାଗା ଦେଉ ନଥିଲା । ଉକ୍ତ ଅଞ୍ଚଳଟି ଖ୍ରିଷ୍ଟ ବହୁଳ ଅଞ୍ଚଳ ଥିଲା । ପ୍ରତ୍ୟୁତ୍ତରରେ ମୁଅଲ୍ଲିମିନ୍‌ମାନେ ଘରେ ଘରେ ଯାଇ ସେହି ଲୋକମାନଙ୍କର ଅନ୍ଧବିଶ୍ୱାସକୁ ଦୂର କଲେ । ଲୋକମାନଙ୍କର ମତାମତ ପରିବର୍ତ୍ତନ କରିବା ପାଇଁ ଉଦ୍ୟମ କଲେ । କିଛି ମାସ ମଧ୍ୟରେ ହିଁ ଜଣେ ଯୁବକ ନିଜର ଏକ ହେକ୍ଟର ପ୍ଲଟ୍ ଆମକୁ ଦେବା (ବିକ୍ରି କରିବା) ନିମନ୍ତେ ପ୍ରସ୍ତୁତ ହୋଇଗଲା । ଉକ୍ତ ପ୍ଲଟ୍‌କୁ ଜମାଅତ୍ ନେଇ ନେଲା । ଉକ୍ତ ଯୁବକ ଜଣକ କହିଲା କି ମୁଁ ଉକ୍ତ ପ୍ଲଟ୍‌କୁ ବିକ୍ରି କରିବା ପରେ ମୋ ଧନ ଜୀବନରେ ଅଜସ୍ର କଲ୍ୟାଣ ହୋଇଛି । ଉକ୍ତ ଯୁବକ ଜଣକ କହିଲା କି ଜଣେ ବ୍ୟକ୍ତି ତା' ଠାରୁ ଅନେକ ବର୍ଷ ପୂର୍ବେ ଋଣ ନେଇଥିଲା ଏବଂ ଋଣ ପରିଶୋଧ କରୁ ନଥିଲା । ସେହି କାରଣରୁ ତା'ର ଅନେକ କାର୍ଯ୍ୟ ଅଟକି ରହିଥିଲା । ପ୍ଲଟ୍ ବିକ୍ରି କରିବାର କିଛି ଦିନ ପରେ ହିଁ ଋଣ ନେଇଥିବା ବ୍ୟକ୍ତି ସ୍ୱୟଂ ଟଙ୍କା ଫେରସ୍ତ କରିଦେଲା ଓ ମୋର ସମସ୍ତ ଋଣ ଜମାଅତ୍ ଅହେମଦିୟାର ପ୍ଲଟ୍ କ୍ରୟ କିରବା ଯୋଗୁଁ ଉକ୍ତ ବ୍ୟକ୍ତି ଜଣକ ପରିଶୋଧ କରିଦେଲା । ସା ଯାହା ହେଉ ସେ ଉକ୍ତ କଥା ଦ୍ୱାରା ପ୍ରଭାବିତ ହୋଇ ନିଜର ଫ୍ୟାମିଲି ସମେତ ଅହେମଦି ହୋଇଗଲା । ଏହାପରେ ଅହେମଦିୟତ୍ ସ୍ୱୀକାରର ପବନ ଏମିତି ଚାଲିଲା କି ଶତାଧିକ ଲୋକ ଉକ୍ତ ଅଞ୍ଚଳର ବୈଅତ୍ କରି ଜମାଅତ୍‌ରେ ପ୍ରବିଷ୍ଟ ହୋଇଗଲେ ଏବଂ ସେଠାରେ ଅଲ୍ଲାଃତାଲାଙ୍କ କୃପାରୁ ଏକ ବିଶାଳ ମସ୍‌ଜିଦ୍ ଓ ମିଶନ୍ ହାଉସ୍ ନିର୍ମାଣ କରିବାକୁ ଜମାଅତ୍‌କୁ ସାମର୍ଥ୍ୟ ଲାଭ ହେଲା । ଅଲ୍ଲାଃତାଲା ଯେଉଁ ବ୍ୟକ୍ତିକୁ ସତ୍‌ମାର୍ଗ ପ୍ରଦାନ କରିବାକୁ ଇଚ୍ଛା ପ୍ରକାଶ କରନ୍ତି ତା' ନିମନ୍ତେ ସତ୍‌ମାର୍ଗର ବ୍ୟବସ୍ଥା ମଧ୍ୟ ବଡ଼ ବିଚିତ୍ର ଢଙ୍ଗରେ କରିଦେଇ ଥାଆନ୍ତି ।

ସାଓ ତୁମୋ ଆଫ୍ରିକାର ଏକ ଅଞ୍ଚଳ ରହିଛି । ସେଠାକାର ମୁବଲ୍ଲିଗ୍ ଇନ୍‌ଚାର୍ଜ୍ ସାହେବ ଉଲ୍ଲେଖ କରନ୍ତି ଯେ, ମରାକଶରୁ ଜଣେ ଯାତ୍ରୀ ସାଓ ତୋମେ ଆସିଲା। ସେ ଲୋକମାନଙ୍କୁ ପଚାରିଲା ଯେ, ଏଠାରେ କୌଣସି ମୁସଲମାନମାନଙ୍କର ମସ୍‌ଜିଦ୍ ଅଛି କି ? ଲୋକମାନେ ଉକ୍ତ ବ୍ୟକ୍ତିଙ୍କୁ ଆମ ମିଶନ ହାଉସର ଠିକଣା କହିଲେ । ଉକ୍ତ ବ୍ୟକ୍ତି ଜଣକ ଜୁମା ନମାଜ ଆମ ସହିତ ପାଠ କଲା ତେବେ ତା'କୁ ଜ୍ଞାତ ହେଲା ଯେ, ଏହି ମସ୍‌ଜିଦ୍ ତ' ଜମାଅତ୍ ଅହେମଦିୟାର ମିଶନ ହାଉସ୍ ଅଟେ । ସେ କିଛି ପ୍ରଶ୍ନୋତ୍ତର କଲେ । ଏହାପରେ ସେ ସିର୍‌ରୁଲ୍ ଖିଲାଫା ଓ ଧର୍ମ ନାଁରେ ରକ୍ତପାତ ପୁସ୍ତକ ଆରବୀ ଭାଷାରେ ପାଠ କଲେ । ଏମ୍.ଟି.ଏ ଅଲ୍ ଅରବିୟାର ପ୍ରୋଗ୍ରାମ (କାର୍ଯ୍ୟକ୍ରମ) ଦେଖିଲେ ଏବଂ କିଛି ସମୟ ସେଠାରେ ବସିଲେ । ସେଦିନ ଆଲମି ବୈଅତ୍ (ଆନ୍ତର୍ଜାତିକ ବୈଅତ୍) ହେଉଥିଲା କିମ୍ବା ତା'ର ରେକର୍ଡେଡ଼୍ (ପୁରୁଣା ରେକର୍ଡ଼ ହୋଇଥିବା କାର୍ଯ୍ୟକ୍ରମ) ପ୍ରସାରିତ ହେଉଥିଲା । ଉକ୍ତ କାର୍ଯ୍ୟକ୍ରମକୁ ସେହି ବ୍ୟକ୍ତି ଜଣକ ଦେଖିଲେ । ମୁବଲ୍ଲିଗ୍ ସାହେବ କୁହନ୍ତି ଯେ, ମାର୍ଚ୍ଚ ମାସରେ ବିଗତ ବର୍ଷ ଉକ୍ତ ବ୍ୟକ୍ତି ଜଣକ ପୁନଃ ଆସିଲା ଏବଂ ସେ କହିଲେ ମୁଁ ବୈଅତ୍ ଫର୍ମ ଦେଖିବାକୁ ଚାହୁଁଛି । ମୁବଲ୍ଲିଗ୍ ସାହେବ ଉକ୍ତ ବ୍ୟକ୍ତିକୁ ଆରବୀ ଭାଷାର ବୈଅତ୍ ଫର୍ମ ଦେଲେ, ସେ ଏହାକୁ ପୂରଣ କରି ଆଣିଲେ । ମୁବଲ୍ଲିଗ୍ ସାହେବ କୁହନ୍ତି ଯେ, ମୁ ତାଙ୍କୁ କହିଲି କି ମହୋଦୟ ! ଆପଣ ଏତେ ଶୀଘ୍ରତା ପ୍ରଦର୍ଶନ କରନ୍ତୁ ନାହିଁ । ଆପଣ କିଛି କାଳ ଦୁଆ କରନ୍ତୁ ଏହାପରେ ଯାଇ କୌଣସି ନିଷ୍ପତ୍ତି ନେବେ । ଉକ୍ତ ମହୋଦୟ ଜଣକ କୁହନ୍ତି ମୁଁ ରାତି ସାରା ଦୁଆ କରୁଥିଲି ଓ ମୋର ହୃଦୟ ଆଶ୍ୱସ୍ତ ଏବଂ ସନ୍ତୁଷ୍ଟ, ମୁଁ ଆଉ ଅତିରିକ୍ତ ଧୈର୍ଯ୍ୟ ଧରି ରହିପାରିବି ନାହିଁ । କାରଣ ମୁଁ ଯଦି ଇମାମଙ୍କ ବିନା ମୃତ୍ୟୁବରଣ କରେ ତାହାହେଲେ କିଏ ଉତ୍ତରଦାୟି ରହିବ । ସେ କହିଲା କି ମୁଁ ଦେଖିନେଲି ଯେ, ଜମାଅତ୍ ଅହେମଦିୟା

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah, Jamat Ahmadiya Kerang (Odisha)

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya Kerang, Darul Fazal (Odisha)

ସତ୍ୟ ଉପରେ ଆଧାରିତ ଅଟେ । ତେବେ ମୁଁ ତାଙ୍କୁ କହିଲି କି ତୁମ ଦେଶରେ ଯେଉଁ ଅନ୍ୟ ମୁସଲମାନମାନେ ରହିଛନ୍ତି ତୁମର ବିରୋଧ କରିବେ, ଅଭିଭାବକ ତୁମର ବିରୋଧ କରିବେ । ତୁମେ ସେମାନଙ୍କର କିପରି ସାମ୍ନା କରିବ ? ସେ କହିବାକୁ ଲାଗିଲେ ଯେ, ମୁଁ ନିଜ ଅଭିଭାବକଙ୍କୁ କହି ଦେଇଛି । ସେମାନଙ୍କୁ କୌଣସି ଆପତ୍ତି ନାହିଁ । ବରଂ ସେମାନେ ପ୍ରସନ୍ନ ଅଟନ୍ତି । ଉକ୍ତ ବ୍ୟକ୍ତି ଜଣକ କହିଲା ଯେ, ଉକ୍ତ ବିରୋଧ ଯଦିବି ହୁଏ ତାହାହାଲେ କୌଣସି ଅସୁବିଧା ଓ ଫରକ ପଡ଼ିବ ନାହିଁ । କାରଣ ପ୍ରକୃତ ଇସ୍‌ଲାମ୍ ଧର୍ମ ଉପରେ ଯଦି ମୃତ୍ୟୁ ବି ଆସିଯାଏ ତାହାହେଲେ ଏହାଠୁ ବଳି ମୋ ପାଇଁ ଆଉ କିଛି ସୌଭାଗ୍ୟ ନାହିଁ । ମୁବଲ୍ଲିଗ୍ ସାହେବ କୁହନ୍ତି ଯେ, ମହୋଦୟଙ୍କ ପିତାଶ୍ରୀ ମଧ୍ୟ ମୋ ସହିତ କଥାବାର୍ତ୍ତା ହେଲେ ଓ ଅତ୍ୟନ୍ତ ଆନନ୍ଦର ଭାବାବେଗ ବ୍ୟକ୍ତି କଲେ । ସେ ନିଜ ପୁତ୍ରକୁ ଉପଦେଶ ଦେଲେ ଯେ, ମୁଁ ସମସ୍ତ କଥା ଶୁଣିଛି । ବର୍ତ୍ତମାନ ତୁମେ ବୈଅତ୍ କରିଛ ତେବେ ତୁମେ ଜମାଅତ୍ ସହିତ ଅବିଚଳତା ପ୍ରଦର୍ଶନ କରିବ । ବର୍ତ୍ତମାନ ମରାକଶ୍ ଠାରେ ଅହେମଦି ହେବା ସତ୍ତ୍ୱେ, ଜମାଅତ୍ ହେବା ସତ୍ତ୍ୱେ କିନ୍ତୁ ଉକ୍ତ ବ୍ୟକ୍ତିଙ୍କୁ ସେଠାରେ ଜମାଅତର ସଠିକ୍ ପରିଚୟ ପ୍ରାପ୍ତ ହଇ ପାରିଲା ନାହିଁ । ତେଣୁ ଅଲ୍ଲାଃତାଲା ଉକ୍ତ ବ୍ୟକ୍ତିକୁ ଆଫ୍ରିକାର ଦୂରବର୍ତ୍ତୀ ଅଞ୍ଚଳରେ ଅନ୍ୟ ଦେଶକୁ ପ୍ରେରଣ କଲେ ଓ ସେ ସେଠାକୁ ନେଇଗଲେ ଏବଂ ଉକ୍ତ ବ୍ୟକ୍ତିଙ୍କ ନିମନ୍ତେ ମାର୍ଗଦର୍ଶନର ବ୍ୟବସ୍ଥା କଲେ ।

ଉଜ୍‌ବେକିସ୍ତାନ୍‌ର ଜଣେ ବ୍ୟକ୍ତି ଅଛନ୍ତି ଯାହାଙ୍କ ନାମ ହେଲା ଆଲମ୍ ବାବାୟୁ ସାହେବ । ସେ କୁହନ୍ତି : ମୁଁ ଏକ ମୁସଲମାନ ପରିବାରରେ ଜନ୍ମଗ୍ରହଣ କରିଥିଲି। ମୋର ବୟସ 31 ବର୍ଷ ଅଟେ । ଉଜ୍‌ବେକିସ୍ତାନର ତାଶ୍‌କେନ୍ଦ୍ ନାମକ ସହର ସହିତ ମୋର ସଂପର୍କ । ମୁଁ ପବିତ୍ର କୁରଆନ୍ କରୀମ୍ ଶିଖିବା ନିମନ୍ତେ ଜଣେ ଶିକ୍ଷକ ଖୋଜୁଥିଲି କି ମୋର ଭେଟ ବାବୁର୍ଜାନଙ୍କ ସହିତ ହେଲା । ମୁଁ ତାଙ୍କ ଠାରୁ ପ୍ରକୃତ ଇସ୍‌ସଲାମ୍ ସଂକ୍ରାନ୍ତରେ ଶୁଣିଲି, ତାଙ୍କ ଠାରୁ ପବିତ୍ର କୁରଆନ୍ କରୀମ୍ ଶିକ୍ଷା କଲି। ସେ ଉକ୍ତ ସତ୍ୟତାକୁ ସ୍ୱୀକାର କରିବାରେ ମୋତେ ସାହାଯ୍ୟ କଲେ । ସୁତରାଂ ଏହି ବିନୀତ ବୈଅତ୍ କରି ଜମାଅତ୍‌ରେ ପ୍ରବିଷ୍ଟ ହୋଇଗଲା । ଅଲ୍ଲାଃତାଲା ଉକ୍ତ ବ୍ୟକ୍ତିକୁ ପବିତ୍ର କୁରଆନ୍ କରୀମ୍ ଶିଖାଇବା ନିମନ୍ତେ ଏକ ଶିକ୍ଷକର ବ୍ୟବସ୍ଥା ମଧ୍ୟ କରିଦେଲେ ଏବଂ ସେହି ଶିକ୍ଷକ ହେଉଛନ୍ତି ଜଣେ ଅହେମଦି । ହୁଜୁର ଅନ୍ୱର ଅ.ବ କହିଲେ, ଆହୁରି ଅନେକ ଘଟଣାବଳୀ ରହିଛି । ଏହା କୌଣସି ସଂଯୋଗ ଘଟଣା ନୁହଁ । ସଂସାରର ବିଭିନ୍ନ ଦେଶରେ ଏହିଭଳି ଘଟଣାବଳୀ ରହିଛି ମୁଁ ପୂର୍ବେ ମଧ୍ୟ ଶୁଣିଛି । ଏହା ଅଲ୍ଲାଃତାଲାଙ୍କ ବିଶେଷ ସାହାଯ୍ୟ ଓ ସମର୍ଥନର ଜ୍ୱଳନ୍ତ ନିଦର୍ଶନ ଅଟେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଉଜ୍‌ବେକିସ୍ତାନରୁ ଆଉ ଜଣେ ବ୍ୟକ୍ତି ଅଛନ୍ତି ତାଙ୍କ ନାମ ହେଲା ଅଜିମ୍ ଔଫ୍ ସାହେବ । ସେ କୁହନ୍ତି: ମୁଁ ଏକ ମୁସଲମାନ ବଂଶରେ ଜନ୍ମ ଗ୍ରହଣ କଲି । ମୁଁ ଚାରି ବର୍ଷ ପୂର୍ବେ ନିୟମିତ ନମାଜ ପାଠ କରିବା ଆରମ୍ଭ କଲି । ପୁନଶ୍ଚ ପବିତ୍ର କୁରଆନ୍ କରୀମ୍‌ର ଅନୁବାଦ ପଢିବା ଆରମ୍ଭ କରିଦେଲି । ଦିନେ ମୋ ନିକଟକୁ ଏକ ଲେଖନୀ ପହଞ୍ଚିଲା । ତହିଁରେ ଏହା ଉଲ୍ଲେଖ ରହିଥିଲା ଓ ରସୁଲୁଲ୍ଲାଃ ସ.ଅ ଏହିପରି କହିଥିଲେ ଯେ, ମୋ ଧର୍ମରେ ଏପରି ବ୍ୟକ୍ତିମାନେ ଜନ୍ମଗ୍ରହଣ କରିବେ ଯେଉଁମାନେ ସର୍ବଦା ସତ୍ୟ ଉପରେ ଅଧିଷ୍ଠିତ ରହିବେ ଏବଂ ସେମାନଙ୍କୁ କେହିବି ହାନୀ ପହଞ୍ଚାଇ ପାରିବ ନାହିଁ । ଏହି ଶବ୍ଦ ମୋ ହୃଦୟରେ ପ୍ରବିଷ୍ଟ ହୋଇଗାଲ । ସେ କୁହନ୍ତି, ମୁଁ ନମାଜ୍‌ରେ ଓ ଦୁଆରେ ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କଲି ଯେ, ହେ ପ୍ରଭୁ ! ତୁମ୍ଭେ ମୋତେ ଏହି ଲୋକମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରିଦିଅ । ମୁଁ ଏହି ପ୍ରାର୍ଥନା କରିବା ଆରମ୍ଭ କରିଦେଲି । ଏହାପରେ ମୁଁ ଅନେକ ସମସ୍ୟାର ସମ୍ମୁଖୀନ ହେଲି । ମୋତେ ଚାକିରୀରୁ ବହିଷ୍କାର କରିଦିଆଗଲା । ମୁଁ କିନ୍ତୁ ଦୁଆ କରି ଚାଲିଲି । ଏହାପରେ ମୋ ମଧ୍ୟରେ ପବିତ୍ର କୁରଆନ୍ କରୀମ୍ ଶିଖିବା ପ୍ରତି ପ୍ରବଳ ଆଗ୍ରହ ଉତ୍ପନ୍ନ ହେଲା। ଅଲ୍ଲାଃତାଲା ମୋର ସାକ୍ଷାତ୍ ସେହି ବାବୁର ସାହେବଙ୍କ ସହିତ କରାଇଦେଲେ। ଉକ୍ତ ଶିକ୍ଷକଙ୍କ ସଂପର୍କ ଜମାଅତ୍ ଅହେମଦିୟା ସହିତ ଥିଲା ବୋଲି ମୁଁ ଏକଥା ଜାଣି ନଥିଲି । ମୁଁ ସର୍ବପ୍ରଥମେ ପବିତ୍ର କୁର୍‌ଆନ୍ କରୀମ୍ ପାଠ କରିବା ଶିଖିଲି । ଦିନେ ମୁଁ ସ୍ୱପ୍ନରେ ଦେଖିଲି ଯେ, ମୁଁ ଖାନା କାଆବାକୁ ଦେଖିଲ ଓ ଏହାର ନିକଟ ଦେଇ ଏହାକୁ ସ୍ପର୍ଶ କରିବାକୁ ଚାହିଁଲି । ପୁନଶ୍ଚ ମନରେ ଏହି ଧାରଣା ଉତ୍ପନ୍ନ ହେଲା କି ମୁଁ ତ' ୱଜୁ କରି ନାହିଁ । ସୁତରାଂ ମୁଁ ୱଜୁ କରିବା ନିମନ୍ତେ ଯେତେବେଳେ ସ୍ନାନାଗାରକୁ ଗଲି ସେତେବେଳେ ମୋର ଆଖି ଫିଟିଗଲା । ସେ କୁହନ୍ତି ଯେ, ସେ ଯାହା ହେଉ ଅହେମଦି ଶିକ୍ଷକଙ୍କ ଠାରୁ ଶିକ୍ଷା ଏବଂ ଅଧ୍ୟାପନାର ଏକ ଦୀର୍ଘ ପରମ୍ପରା ଜାରି ରହିଲା । ଦିନେ ମୁଁ ତାଙ୍କୁ ହ. ଇସା ଅ.ସଙ୍କ ଆକାଶରୁ ଅବତୀର୍ଣ୍ଣ ହେବା ସଂକ୍ରାନ୍ତରେ ପଚାରିଲି । ସେ ଉତ୍ତର ଦେଲେ ଯେ, ହ. ଇସା ଅ.ସ ମୃତ୍ୟୁବରଣ କରିସାରିଛନ୍ତି। ଯେଉଁ ବ୍ୟକ୍ତି ହ. ଇସା ଅ.ସଙ୍କ ରଙ୍ଗରେ ଓ ତାଙ୍କ ପରି ଆସିବାର ଥିଲା ସେ ହେଉଛନ୍ତି ଇମାମ୍ ମେହ୍‌ଦୀ ଅ.ସ । ଏହାପରେ ମୁଁ ଗବେଷଣା କଲି ଓ ଜାଣିବାକୁ ପାଇଲି ଏବଂ ନିଜ ଶିକ୍ଷକଙ୍କୁ କହିଲି ଯେ, ସେହି ବ୍ୟକ୍ତି ହେଉଛନ୍ତି ହ. ମିର୍ଜା ଗୁଲାମ୍ ଅହେମଦ କାଦିଆନୀ ଅ.ସ । ଶିକ୍ଷକ ଜଣକ ତାଙ୍କୁ ତବ୍‌ଲିଗ୍ କଲେ ନାହିଁ ବରଂ ଉକ୍ତ ନବଦୀକ୍ଷିତଙ୍କୁ କହିଲେ କି ଇମାମ୍ ମେହଦୀ ଅବିର୍ଭୂତ ହୋଇ ସାରିଛନ୍ତି । ତୁମେ ସ୍ୱୟଂ ଯାଇ ତାଙ୍କୁ ଖୋଜିନିଅ । ସେ ଯାହା ହେଉ ମହୋଦୟ ଗବେଷଣ ତଥା ଅନ୍ୱେଷଣ କଲେ ଓ ସ୍ୱୟଂ ହିଁ ଇଣ୍ଟରନେଟ୍ ଆଦିର ଗବେଷଣା ଦ୍ୱାରା ଜାଣିବାକୁ ପାଇଲେ ଯେ, ମିର୍ଜା ଗୁଲାମ୍ ଅହେମଦ୍ ଅ.ସ ହିଁ ସେହି ଇମାମ୍ ମେହ୍‌ଦୀ ଅଟନ୍ତି । ସୁତରାଂ ଏସମ୍ବନ୍ଧରେ ମୁଁ ଯେତେବେଳେ ନିଜ ଶିକ୍ଷକଙ୍କୁ କହିଲି ସେତେବେଳେ ସେ ମଧ୍ୟ ଏହାର ପୁଷ୍ଟି କରିଦେଲେ । କାରଣ ମିର୍ଜା ଗୁଲାମ୍ ଅହେମଦ୍ ହିଁ ସେହି ଇମାମ୍ ମେହଦୀ ଅଟନ୍ତି ଯାହାଙ୍କୁ ଆମେମାନେ ଅପେକ୍ଷା କରି ବସିଛେ । ସେ କୁହନ୍ତି ଯେ, ମୁଁ ସମସ୍ତ ନିଦର୍ଶନର ପୂର୍ଣ୍ଣ ହେବା ସତ୍ତ୍ୱେ ଇମାମ୍ ମେହ୍‌ଦୀଙ୍କ ସଂକ୍ରାନ୍ତରେ ସନ୍ଦେହ ପ୍ରକାଶ କଲି । ଏହାପରେ ମୋର ଶିକ୍ଷକ ମୋତେ ଜମାଅତ୍ ଅହେମଦିୟା ସଂପର୍କରେ କହିଲେ ଯେ, ମୁଁ ମଧ୍ୟ ସେହି ସଂପ୍ରଦାୟରୁ ଅନ୍ୟତମ ଅଟେ । ସେ ଏହା ମଧ୍ୟ କହିଲେ ଯେ, ଜମାଅତ୍ ଅହେମଦିୟାର ସଂଖ୍ୟା ଯଦିଚ ସ୍ୱଳ୍ପ ଅଟେ ଓ ମୋର ତୁମ ପରି ଅନେକ ଶିଷ୍ୟମାନେ ଅଛନ୍ତି ଏବଂ ମୋତେ ନିଜ ଶିଷ୍ୟ ସହିତ ଭେଟ କରାଇଛନ୍ତି । ସେ ଯାହା ହେଉ ନବ ଦୀକ୍ଷିତ କୁହନ୍ତି ଯେ, ମୁଁ ଗବେଷଣା କଲି ଓ ଦୁଆ ଏବଂ ଅନୁସନ୍ଧାନ କରିବା ପରେ ପୁନଶ୍ଚ ମୁଁ ଏହା ଅନୁଭବ କଲି ଯେ, ଅଲ୍ଲାଃତାଲା ମୋର ଦୁଆକୁ ସ୍ୱୀକାର କରି ନେଇଛନ୍ତି । ଏହାପରେ ମୁଁ ବୈଅତ୍ କରିନେଇଛି ।

ସେହିପରି ଉଜ୍‌ବେକିସ୍ତାନର ଆଉ ଜଣେ ବ୍ୟକ୍ତି ଅଟନ୍ତି । ସେମାନଙ୍କର ମଧ୍ୟ ଏହିପରି ଘଟଣା ରହିଛି । ତାଙ୍କର ଜାତିକୁ ମଧ୍ୟ ବୈଅତ୍ କରିବାର ସାମର୍ଥ୍ୟ ଲାଭ ହେଲା । ପୁନଶ୍ଚ ସେ ମଧ୍ୟ ବିଗତ ବର୍ଷ ବୈଅତ୍ କରିନେଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଆଫ୍ରିକାର ଗୋଟିଏ ଦେଶର ରିପୋର୍ଟ ରହିଛି । ସେଠିକାର ମୁବଲ୍ଲିଗ୍ ସିଲ୍‌ସିଲା କୁହନ୍ତି ଯେ, ସେ ଏବଂ ସ୍ଥାନୀୟ ମୁଅଲ୍ଲିମ୍ ସାହେବ ଜମାଅତୀୟ ମିଟିଂରୁ ଫେରୁଥିଲେ, ସନ୍ଧ୍ୟା ସମୟ ଥିଲା, ଅନେକ ଦୂରତାର ଯାତ୍ରା (ଦୀର୍ଘ କି.ମିର ଯାତ୍ରା) ଥିଲା । ମାର୍ଗରେ ଏକ ଗ୍ରାମ ଦେଇ ସେ ଅତିକ୍ରମ କଲେ ତ' ସେଠାରେ ଅନେକ ଲୋକମାନେ ରାସ୍ତା କଡ଼ରେ ଛିଡ଼ା ହୋଇଥିଲେ । ସେମାନେ ଆମମାନଙ୍କୁ ଅଟକାଇଲେ ଓ କହିଲେ ଯେ, ଆଜି ସକାଳେ ଆମେମାନେ ଆପଣଙ୍କୁ ଏଠାରୁ ଅତିକ୍ରମ ହେଉଥିବାର ଦେଖିଥିଲୁ । ଆମେମାନେ ଏହି ବିଶ୍ୱାସ ରଖିଥିଲୁ ଯେ, ଆପଣ ନିଶ୍ଚିତ ଫେରିବେ । ଆମେମାନେ ଅନେକ ସମୟ ଧରି ଆପଣଙ୍କୁ ଅପେକ୍ଷ କରି ବସିଛୁ । ଆମେମାନେ ଆପଣଙ୍କୁ ପଚାରିବାକୁ ଚାହୁଁଛୁ ଯେ, କ'ଣ ଆପଣ ଆମ ଗ୍ରାମ ଠାରୁ ରୁଷ୍ଟ ଅଛନ୍ତି କି ? ଆଖପାଖ ସମସ୍ତ ଗ୍ରାମରେ ଆପଣଙ୍କର ସଦସ୍ୟଗଣ ଅଛନ୍ତି, ଜମାଅତ୍ ସ୍ଥାପିତ ହୋଇଛି ଏବଂ ମସଜିଦ୍ ବିଦ୍ୟମାନ ରହିଛି । କିନ୍ତୁ ଆପଣ ଆମ ଗ୍ରାମରେ ଉକ୍ତ ସନ୍ଦେଶ ପହଞ୍ଚାଇ ନାହାନ୍ତି । ସୁତରାଂ ଆମେମାନେ ସେହି ମୁହୂର୍ତ୍ତରେ ସେଠାରେ ପହଞ୍ଚିଲୁ । ତବ୍‌ଲିଗର କାର୍ଯ୍ୟକ୍ରମ ହେଲା ଓ ଅଲ୍ଲାଃତାଲାଙ୍କ କୃପାରୁ ସେଠାରେ ଲୋକମାନେ ବୈଅତ୍ କଲେ । ଅଲ୍ଲାଃତାଲା ଲୋକମାନଙ୍କ ହୃଦୟରେ ସ୍ୱୟଂ ଏହି କଥା ସୃଷ୍ଟି କରୁଛନ୍ତି ଯେ, ସତ୍ୟର ଅନ୍ୱେଷଣ କର ।

ସେଣ୍ଟ୍ରାଲ୍ ଆଫ୍ରିକାର ମୁବଲ୍ଲିଗ୍ ଇନ୍‌ଚାର୍ଜ ସାହେବ ଉଲ୍ଲେଖ କରନ୍ତି ଯେ, ଜଣେ ଅଣଅହେମଦି ଇମାମ୍ ନାଗାଲା ନାମକ ଗ୍ରାମର ଅଟନ୍ତି ,ସେ ତବ୍‌ଲିଗ୍ ଉଦ୍ଦେଶ୍ୟରେ ଆମର ଅହେମଦି ଗ୍ରାମକୁ ଆସିଲେ । ମସ୍‌ଜିଦ୍ ଦେଖିଲେ ଓ ପଚାରିଲେ, ଉକ୍ତ ମସ୍‌ଜିଦ୍ କିଏ ନର୍ମାଣ କଲା ? ଉତ୍ତର ମିଳିଲା କି ଅହେମଦିମାନ ନିର୍ମାଣ କରିଛନ୍ତି। ସେ କହିବାକୁ ଲାଗିଲେ ଯେ, ମାଶାଅଲ୍ଲାଃ ଅତ୍ୟନ୍ତ ସୁନ୍ଦର ମସ୍‌ଜିଦ୍‌ଟିଏ ଅଛି । ପରବର୍ତ୍ତୀ ଦିନ ଏହି ମୌଲବୀ ସାହେବ ସେଣ୍ଟ୍ରାଲ୍ ମିଶନ୍ ହାଉସ୍ "ବାଙ୍ଗୀ"

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ଆସିଲେ । ମୁବଲ୍ଲିଗ୍ ସାହେବଙ୍କ ଠାରୁ ଜମାଅତ୍ ସଂକ୍ରାନ୍ତରେ ପ୍ରଶ୍ନ କରି ଚାଲିଲେ । ପରିଶେଷରେ ସେ ମୁବଲ୍ଲିଗ୍ ସାହେବଙ୍କୁ ପଚାରିଲେ ଯେ, ଆପଣଙ୍କ ଜମାଅତ୍‌ରେ କିପରି ପ୍ରବେଶ ହୁଅନ୍ତି ? ପ୍ରତ୍ୟୁତ୍ତରରେ ମୁବଲ୍ଲିଗ୍ ସାହେବ କହିଲେ ଯେ, ବିଶ୍ୱାସର ସଂପର୍କ ହୃଦୟ ସହିତ ରହିଛି । ଯଦି ଆପଣ ଜମାଅତୀୟ ଆସ୍ଥା ସହିତ ଏକମତ ଅଟନ୍ତି ତାହାହେଲେ ଆପଣଙ୍କ ହୃଦୟ ଅହେମଦିୟତ୍ ସ୍ୱୀକାର କରିନେଲା । କିନ୍ତୁ ଆମ ନିକଟରେ ଏକ ବୈଅତ୍ ଫର୍ମ ମଧ୍ୟ ଉପସ୍ଥିତ ଅଛି । ଯହିଁରେ ହ. ମସିହ୍ ମଉଦ୍ ଅ.ସ ଦଶ୍ ଶରାଏତେ ବୈଅତ୍ ସଂପର୍କରେ ସର୍ତ୍ତାବଳୀର ଉଲ୍ଲେଖ କରିଛନ୍ତି। ଏହାକୁ ଆପଣ ପାଠ କରିନିଅନ୍ତୁ । ତାଙ୍କୁ ଯେତେବେଳେ ବୈଅତ୍ ଫର୍ମ ଦିଆଗଲା ସେତେବେଳେ ଏସ ଉକ୍ତ ବିଅତ୍ ଫର୍ମକୁ ପାଠ କରିବାକୁ ଲାଗିଲେ । କୁହନ୍ତି ଯେ, ଏପଟେ ସେ ବର୍ତ୍ତମାନ ବୈଅତ୍ ଫର୍ମ ପାଠ କରୁଥିଲେ ଅପର ପଟେ ତାଙ୍କ ଚକ୍ଷୁ ଲୋତକାପ୍ଲୁତ ହୋଇ ଲୁହର ଧାର ଟପ୍ ଟପ୍ ହୋଇ ତଳେ ପଡୁଥିଲା । ତାଙ୍କୁ ଯେତେବେଳେ ବିଳାପର କାରଣ ପଚରାଗଲା ସେତେବେଳେ ସେ ଉତ୍ତର ଦେଲେ ଯେ, ମୁଁ ବର୍ତ୍ତମାନ ନିଜକୁ ବିଦ୍ୱାନ ବୋଲି ମନେକରୁଛି ଓ ଅନ୍ୟ ମୌଲବୀମାନଙ୍କ ଠାରୁ ମଧ୍ୟ ଜମାଅତ୍ ସଂକ୍ରାନ୍ତରେ ଅନେକ କିଛି ଶୁଣିଛି ଯାହାକି ସଂପୂର୍ଣ୍ଣ ରୂପେ ମିଥ୍ୟା ଅଟେ । ଉକ୍ତ ଦଶ୍ ଶରାଏତେ ବୈଅତ୍‌ର ସର୍ତ୍ତାବଳୀକୁ ପାଠ କରି ମୋତେ ପୂର୍ବ ଜୀବନ ଅତି ଘୃଣ୍ୟ ବୋଲି ମନେ ହେଉଛି । କାରଣ ମୁଁ ଜମାଅତ୍‌କୁ କ'ଣ ବୋଲି ଭାବୁଥିଲି ଓ କିନ୍ତୁ ଆପଣଙ୍କ ଶିକ୍ଷାକୁ ହେୟ ବୋଲି ମନେକରୁଥିଲି । ସୁତରାଂ ମୁଁ  ନିଜର ଆବେଗକୁ ଆଉ ଅୟତ୍ତ କରିପାରିଲି ନାହିଁ ବୋଲି ମୁଁ ଭାବ ବିହ୍ୱଳ ହୋଇପଡ଼ିଲି । ଉକ୍ତ ବୈଅତ୍ ଫର୍ମକୁ ପାଠ କରି ମୁଁ ଜାଣିନେଲି ଯେ, ଜମାଅତ୍ ଅହେଦମିୟା ଏକ ସତ୍ୟବାଦୀ ଜମାଅତ୍ ଅଟେ ଓ ଖାଣ୍ଟି ସତ୍ୟବାଦୀ ଜମାଅତ୍ ଅଟେ । ଅହେମଦିମାନଙ୍କ ମସ୍‌ଜିଦ୍ ମଧ୍ୟ କିବଲା ମୁହାଁ ଅଛି । ସେହି ନମାଜ୍ ରହିଛି ଯାହା ଆମେମାନେ ପାଠ କରୁଛେ, ସେହି କୁରଆନ୍ ରହିଛି ଯାହାକୁ ଆମେମାନେ ପାଠ କରୁଛେ ଓ ମୁଁ ଆଜି ହୃଦୟର ଅତଳ ଗହ୍ୱରରୁ ଜମାଅତ୍ ଅହେମଦିୟାକୁ ସ୍ୱୀକାର କରୁଛି । ସେ ଯାହା ହେଉ ମହୋଦୟଙ୍କୁ ଅତିରିକ୍ତ ପୁସ୍ତକ ପ୍ରଦାନ କରାଗଲା । ମହୋଦୟ କୁହନ୍ତି ଯେ, ମୁଁ ବର୍ତ୍ତମାନ ସେହି ପୁସ୍ତକଗୁଡ଼ିକୁ ପାଠ କରି ଅନ୍ୟ ମୌଲବୀମାନଙ୍କର ମୁହଁ ବନ୍ଦ କରିଦେବି ।

ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଅ.ସଙ୍କ ଜମାଅତ୍‌ରେ କିପରି ଅଭିବୃଦ୍ଧି କରନ୍ତି ଓ ସ୍ୱୀକାରକାରୀଙ୍କ ସଂଖ୍ୟାକୁ କିପରି ଅଭିବୃଦ୍ଧି କରନ୍ତି । ତତ୍‌ସଂକ୍ରାନ୍ତରେ କେତେକ ଘଟଣାବଳୀ ରହିଛି । ଗୟାନାର ମୁବଲ୍ଲିଗ୍ ସିଲ୍‌ସିଲା ଉଲ୍ଲେଖ କରନ୍ତି ଯେ, ଲିଣ୍ଡନ୍ ଜମାଅତ୍‌ରେ ନିୟମିତ ଭାବରେ ବୁକ୍ ଷ୍ଟଲ୍ ଲଗାଇବା ଓ ଲୋକମାନଙ୍କୁ  ଫ୍ଲାୟର ବାଣ୍ଟିବାର କାର୍ଯ୍ୟକ୍ରମ ହୋଇଥାଏ । ଦିନେ କୌଣସି ବ୍ୟକ୍ତିର କଲ୍ ଆସିଲା କି ମୁଁ ଆପଣମାନଙ୍କର ଫ୍ଲାୟର୍ ଦେଖିଛି ତେବେ ମୁଁ ଜାଣି ନଥିଲି ଯେ, ମୋ ଘରେ ନିକଟରେ ଆପଣଙ୍କର ନମାଜ ସେଣ୍ଟର୍ ମଧ୍ୟ ରହିଛି । ସେ ଯାହ ହେଉ ମୁଁ ନମାଜ ଜୁମାରେ ଆସିଲେ । ସେ କୁହନ୍ତି ମୁଁ ଦୁଇ ବର୍ଷ ହେଲା ମୁସଲମାନ ଅଟେ । କିନ୍ତୁ ନା ମୁଁ ପବିତ୍ର କୁରଆନ୍ କରୀମ୍ ପାଠ କରିବା ଜାଣିଛି ଓ ନା ହିଁ ମୋତେ ନମାଜ ଶିଖିବାର ସୁଯୋଗ ପ୍ରାପ୍ତ ହୋଇଛି । ତେଣୁ ଆପଣ ମୋତେ ଅଧ୍ୟାୟ ଶିଖାଇ ଦିଅନ୍ତୁ । ମୁବଲ୍ଲିଗ୍ ସାହେବ କହିଲେ, ଆପଣ ଚାଲି ଆସିବେ ଏବଂ ଅତି ସତର୍କତା ଅବଲମ୍ବନ କରନ୍ତୁ । କାରଣ ସେଠାରେ ଏପରି କେତେକ ବ୍ୟକ୍ତିମାନେ ଅଛନ୍ତି ଯେଉଁମାନେ ଅସାଧୁ ବ୍ୟକ୍ତିମାନେ ହୁଅନ୍ତି, ଯେଉଁମାନେ କେବଳ ମାଗିବା ପାଇଁ ଆସନ୍ତି । ସେ ଯାହେ ହେଉ ସେ (ମବଲ୍ଲିଗ୍ ସାହେବ) କହୁନ୍ତି ଯେ, ମୁଁ କହିଲି କି ଆପଣ ଚାଲି ଆସିବେ ଶିଖିବା ପାଇଁ । ଯଦି ସେ ଧର୍ମ ଶିକ୍ଷା ଶିଖିବା ପାଇଁ ଅଗ୍ରହୀ ଅଟନ୍ତି ତାହାହେଲେ ଜଣା ପଡ଼ିଯିବ । ସୁତରାଂ ଉକ୍ତ ବ୍ୟକ୍ତି ଜଣକ ନିୟମିତ ରୂପେ ଆସିଲେ ଓ ପବିତ୍ର କୁରଆନ୍ କରୀମ୍ ଶିଖୁଥିଲେ ଏବଂ ଦୀର୍ଘକାଳ ଧରି  ଶିଖିବା ପରେ ମଧ୍ୟ ଯେତେବେଳେ ସେ କୌଣସି  ଜିନିଷ ମାଗିଲେ ନାହିଁ ସେତେବେଳେ ମୁଁ ଜାଣିନେଲି ଯେ, ଏ ବ୍ୟକ୍ତି ଜଣକ ଧର୍ମ ପ୍ରସଙ୍ଗରେ ଅତ୍ୟନ୍ତ ଗମ୍ଭୀର ଅଟେ । ଏହାପରେ ଉକ୍ତ ବ୍ୟକ୍ତିକୁ ଜମାଅତ୍‌ର ପରିଚୟ ପ୍ରଦାନ କରାଗଲା । ହ. ମସିହ୍ ମଉଦ୍ ଅ.ସଙ୍କର ଛବି ଦେଖାଇ ଦିଆଗଲା । ଫଳତଃ ସେ ବୈଅତ୍ କରିନେଲା। ତା'ର ନାମ ମଧ୍ୟ ଇସ୍‌ଲାମ୍ ନମାକରଣ କରାଗଲା । କିଛିକାଳ ପରେ ସେ ମୁଅଲ୍ଲିମ୍ ହେବା ପାଇଁ ଅଗ୍ରହ ପ୍ରକାଶ କଲା ଏବଂ କହିଲା କି ମୁଁ ମୁଅଲ୍ଲିମ୍ ହେବାକୁ ଇଚ୍ଛୁକ ଅଟେ । ସେ ଯାହା ହେଉ ସେଠିକାର ଜମାଅତ୍ ମୋତେ ପଚାରିଲା । ମୁଁ ତାଙ୍କୁ କହିଲି କି ଠିକ୍ ଅଛି । ଯଦି ଉକ୍ତ ବ୍ୟକ୍ତି ଜଣକ ପ୍ରକୃତରେ ମୁଅଲ୍ଲିମ୍ ହେବା ନିମନ୍ତେ ଆଗ୍ରହ ପ୍ରକାଶ କରୁଛନ୍ତି ତାହାହେଲେ ତାଙ୍କୁ ମୁଅଲ୍ଲିମ୍ କରି ଦିଅନ୍ତୁ। ତାଙ୍କର ସଂସ୍କାର କରନ୍ତୁ । ଅଲ୍ଲାଃତାଲାଙ୍କ କୃପାରୁ ତାଙ୍କର ବର୍ତ୍ତମାନ ସଂସ୍କାର ହୋଇ ସାରିଛି। ସେ ସଂପୂର୍ଣ୍ଣ ନମାଜ ପାଠ କରୁଛି, ଜୁମା ନମାଜ ପାଠ କରୁଛି, ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ସହିତ ତଫ୍‌ସିର ପାଠ କରି ଦରସ୍ ମଧ୍ୟ ଦେଉଛି । ଖୁତ୍‌ବା ମଧ୍ୟ ଦେଉଛି । ମୁବଲ୍ଲିଗ୍ ସାହେବ କୁହନ୍ତି ଯେ, ଉକ୍ତ ବ୍ୟକ୍ତିର ବୈଅତ୍‌ର କିଛି କାଳ ପରେ ନମାଜ ସେଣ୍ଟରରେ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହେଲା । ତହିଁରେ ଉକ୍ତ ବ୍ୟକ୍ତିର ଅଭିଭାବକମାନେ ମଧ୍ୟ ଆସିଲେ । ତାଙ୍କ ପିତା ଇସଲାମ୍ ଧର୍ମର ବଡ଼ ବିରୋଧୀ ବ୍ୟକ୍ତି ଥିଲେ । କିନ୍ତୁ ମାତା ଏହି ଭାବାବେଗ ବ୍ୟକ୍ତ କଲେ କି କୌଣସି କାଳରେ ଇସ୍‌ଲାମ୍ ଧର୍ମ ସଂପର୍କରେ ତାଙ୍କର ଅଭିରୁଚି ରହିଥିଲା । ବିଶେଷ କରି ତାଙ୍କୁ ମହିଳାମାନଙ୍କର ହିଜାବ୍ ପିନ୍ଧିବା ବହୁତ ଭଲ ଲାଗୁଥିଲା । ଫଳତଃ ଉକ୍ତ ବୈଅତ୍ କରିଥିବା ବ୍ୟକ୍ତିଙ୍କର ମାତାଙ୍କୁ ଜମାଅତ୍‌ରେ ରୁଚି ସୃଷ୍ଟି ହେଲା । ସେ ଯାହା ହେଉ ସେହି ମୁଅଲ୍ଲିମ୍ ବାଳକକୁ କୁହାଗଲା କି ସେହି ଲୋକମାନେ ନିଜ ଧର୍ମ ପ୍ରସଙ୍ଗରେ ଅତ୍ୟନ୍ତ କ୍ରୂର ଓ ଗମ୍ଭୀର ଅଟନ୍ତି । ମୋର ମାତା ଚର୍ଚ୍ଚ ଯାଉଥିବା ଜଣେ ମହିଳା ଅଟନ୍ତି ଓ ସେ ବପ୍ତିସମା (Baptism)  (ଖ୍ରୀଷ୍ଟ ଧର୍ମର ଏକ ପ୍ରଥା ଯହିଁରେ ସନ୍ତାନ ଜନ୍ମ ପରେ ତା' ମୁଣ୍ଡ ଉପରେ ପବିତ୍ର ଜଳ ଛିଞ୍ଚି ଉକ୍ତ ସନ୍ତାନକୁ ଖ୍ରୀଷ୍ଟ ବୋଲି ଗ୍ରହଣ କରିନିଆଯାଏ ) ଗ୍ରହଣ କରିଥିଲେ । ମୁବଲ୍ଲିଗ୍ ସାହେବ କହିଲେ, ସେ ଯାହା ହେଉ ଆମେମାନେ ତାଙ୍କର ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବା ସଂକ୍ରାନ୍ତରେ ମଧ୍ୟ ପ୍ରାର୍ଥନା କରୁଛେ । ଉକ୍ତ ମହିଳାର ପୁତ୍ରକୁ ମଧ୍ୟ କହିଲୁ କି ତୁମେ ନିଜ ମାତା ନିମନ୍ତେ ପ୍ରାର୍ଥନା କର । ଅଲ୍ଲାଃତାଲା ତାଙ୍କର ହୃଦୟକୁ ଇସ୍‌ଲାମ୍ ଧର୍ମ ଆଡ଼କୁ ଲେଉଟାଇ ଦିଅନ୍ତୁ । ମୁବଲ୍ଲିଗ୍ ସାହେବ କୁହନ୍ତି ଯେ, ଦିନେ ହଠାତ୍ ତାଙ୍କ ମାତା ନିଜର ମୁଅଲଲ୍ଲିମ୍ ପୁତ୍ରକୁ କହିଲେ ଯେ, ମୁଁ ବୈଅତ୍ କରିବାକୁ ଚାହୁଁଛି । ଏହାପରେ ସେ ଜମାଅତ୍‌ରେ ମଧ୍ୟ ସାମିଲ୍ ହୋଇଗଲେ ଏବଂ ଅଲ୍ଲାଃତାଲାଙ୍କ କୃପାରୁ ନିୟମିତ ରୂପେ ଲୋକମାନେ ଜମାଅତ୍‌ରେ ସାମିଲ୍ ହେଉଛନ୍ତି । ଲୋକମାନେ ପ୍ରତ୍ୟେକ ଶୁକ୍ରବାର ଦିନ ନମାଜ ଜୁମାରେ ଓ ନମାଜ୍‌ରେ ସାମିଲ ହୁଅନ୍ତି । ସେମାନେ ଏହା ମଧ୍ୟ ସ୍ୱୀକାରୋକ୍ତି ପ୍ରକାଶ କରିଛନ୍ତି ଯେ, ଜମାଅତ୍‌ରେ ସାମିଲ୍ ହେବା ପରେ ଅଲ୍ଲାଃତାଲାଙ୍କ କୃପାରୁ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଓ ଧନ ଜୀବନରେ ଅନାଶାତିତ ତଥା ଅଜସ୍ର ଅଭବୃଦ୍ଧି ଘଟିଛି । କିନ୍ତୁ ଖ୍ରୀଷ୍ଟ ଧର୍ମରେ ଥିବା ଅବସ୍ଥାରେ ଏତେ ଅଜସ୍ର କଲ୍ୟାଣ ତଥା ଅଭିବୃଦ୍ଧି ନଥିଲା । ବର୍ତ୍ତମାନ ମୁଅଲ୍ଲିମ୍ ସାହେବଙ୍କର ମାତାର ମଧ୍ୟ ନିୟମିତ ରୂପେ ଏମ୍.ଟିଏ.ଏ ଦେଖୁଛନ୍ତି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ: ସେ ଯାହେ ହେଉ ଉପରୋକ୍ତରେ ବର୍ଣ୍ଣିତ କେତେକ ଘଟଣାବଳୀ ହେଉଛି ଅଲ୍ଲାଃତାଲାଙ୍କର ହ. ମସିହ୍ ମଉଦ୍ ଅ.ସଙ୍କୁ ଦେଇଥିବା ପ୍ରତିଶୃତି  ଅଟେ । ଏହିପରି ଆହୁରି ଅନେକ ଘଟଣାବଳୀ ରହିଛି । ବିରୋଧୀମାନେ ଆପ୍ରାଣ ଉଦ୍ୟମ କରୁଛନ୍ତି । ଯେପରିକି ହ. ମସିହ୍ ମଉଦ୍ ଅ.ସ କୁହନ୍ତି: କିନ୍ତୁ ଅନ୍ୟ ପଟରେ ଅଲ୍ଲାଃତାଲା ସଂସାରର ପ୍ରତ୍ୟେକ ଦେଶରେ ଜମାଅତ୍‌ର ଉନ୍ନିତର ନବ ନବ ମାର୍ଗ ଉନ୍ମୋଚିତ କରୁଅଛି । ଅତଏବ୍ ଉକ୍ତ କଥାରୁ ଯେଉଁଠି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବାର ଆବଶ୍ୟକତା ରହିଛି ସେଠାରେ ନିଜର ଅବସ୍ଥାର ସମୀକ୍ଷା ମଧ୍ୟ କରିବା ଉଚିତ୍, ନିଜର ବିଶ୍ୱାସକୁ ଦୃଢୀଭୂତ କରିବାର ମଧ୍ୟ ଆବଶ୍ୟକତା ରହିଛି, ନିଜର କାର୍ମିକ ଅବସ୍ଥାକୁ ଶୃଙ୍ଖଳିତ ଏବଂ ଉତ୍କୃଷ୍ଟ କରିବା ଉଚିତ୍, ନିଜର ଆଗାମୀ ବଂଶଧରମାନଙ୍କ ମଧ୍ୟରେ ଉକ୍ତ କଥାକୁ ମନେ ରଖିନେବା ଉଚିତ୍ ଯେ, ପରୀକ୍ଷା ଏବଂ ବିପତ୍ତି ତ' ଆସିବ କିନ୍ତୁ ଶେଷ ବିଜୟ ଅଲ୍ଲାଃତାଲାଙ୍କ ଦ୍ୱାରା ସ୍ଥାପିତ ହୋଇଥିବା ଜମାଅତ୍‌କୁ ହିଁ ପ୍ରାପ୍ତ ହେବ । ଅତଏବ୍ କେବେବି ନିଜର ବିଶ୍ୱାସକୁ ଅନ୍ଦୋଳିତ ହେବାକୁ ଦିଅନ୍ତୁ ନାହିଁ। ଅଲ୍ଲାଃତାଲା ନବାଗତମାନଙ୍କୁ ମଧ୍ୟ ଓ ପୁରାତନଙ୍କୁ ମଧ୍ୟ ଅବିଚଳତା ପ୍ରଦର୍ଶନ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ବିଶ୍ୱାସ ତଥା ଆସ୍ଥାରେ ଉନ୍ନତି କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ବର୍ତ୍ତମାନ ମୁଁ କେତେକ ମୃତକମାନଙ୍କର ନମାଜ ଯନାଜାଃ ଗାଏବ୍ ପାଠ କରାଇବି ଓ ସେମାନଙ୍କର ଉତ୍ତମ ଚର୍ଚ୍ଚା କରିବି । ପ୍ରଥମ ମୃତକା ହେଲେ ମହୋଦୟା ସ୍ୱର୍ଗତା ପର୍‌ୱିନ୍ ଅଖ୍‌ତର୍ ସାହେବଙ୍କର । ସ୍ୱର୍ଗତା ସିଆଲ୍‌କୋଟର ଗୁଲାମ୍ କାଦିର୍ ସାହେବଙ୍କ ପତ୍ନୀ ଥିଲେ । ବିଗତ ଦିନ ୨୦ ବର୍ଷ ବୟସରେ ତାଙ୍କର ପରଲୋକ

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُونَ ମୃତକାଙ୍କର ତିନି ପୁତ୍ର ଓ ଚାରି ଜଣ କନ୍ୟା ସନ୍ତାନ ଅଛନ୍ତି । ଆରିଫ୍ ମେହମୁଦ୍ ସାହେବ ନାମକ ଜଣେ ପୁତ୍ର ବେନିନ୍‌ର ମୁବଲ୍ଲିଗ୍ ସିଲସିଲା ଅଟନ୍ତି । ସେ ନିଜ ମାତାଙ୍କ ଅନ୍ତିମ ସଂସ୍କାରରେ କର୍ମଭୂମିରେ ଥିବା ହେତୁ ସାମିଲ୍ ହୋଇପାରିଲେ ନାହିଁ ।

ମୁବଲ୍ଲିଗ୍ ସିଲସିଲା ଆରିଫ୍ ମେହମୁଦ୍ ସାହେବ ବର୍ଣ୍ଣନା କରନ୍ତି ଯେ, ତାଙ୍କର ମାତାଶ୍ରୀ ହ. ମସିହ୍ ମଉଦ୍ ଅ.ସଙ୍କର ସାହାବି ଚୌଧୁରୀ ଇମାମ୍ ଦିନ୍ ସାହେବ ଚୌହାନ୍‌ଙ୍କର ପୌତ୍ରୀ ଥିଲେ ଓ ମୁଅଲ୍ଲିମ୍ ସିଲସିଲା ଗୁଲାମ୍ ଅହେମଦ ସାହାବଙ୍କର ସୁପୁତ୍ରୀ ଥିଲେ । ସ୍ୱର୍ଗତା କାଦିଆନ୍‌ରେ ଜନ୍ମ ଗ୍ରହଣ କରିଥିଲେ ଓ ପ୍ରାରମ୍ଭିକ ଶିକ୍ଷା କାଦିଆନ୍‌ରୁ ପ୍ରାପ୍ତ କରିଥିଲେ । ମୁବଲ୍ଲିଗ୍ ସାହେବ କୁହନ୍ତି, ତାଙ୍କର ମାତାଶ୍ରୀ କହୁଥିଲେ ଯେ, ତାଙ୍କର ବାଲ୍ୟକାଳର ଅଧିକାଂଶ ସମୟ କାଦିଆନ୍‌ରେ ହ. ଅମ୍ମାଁ ଜାନ୍ ର.ଅଙ୍କ ସହିତ ତାଙ୍କର ସେବାରେ ଅତିବାହିତ ହୋଇଥିଲା ଏବଂ ଏହିପରି ଭାବରେ ଆପଣଙ୍କର ସଂସ୍କାର ହ. ଅମ୍ମାଁ ଜାନ ର.ଅ କରିଥିଲେ । ଧାର୍ମିକ ଶିକ୍ଷା ଓ ପବିତ୍ର କୁରଆନ୍ କରୀମ୍ ପାଠ କରିବା ତାଙ୍କ ଠାରୁ ହିଁ ଶିକ୍ଷା କଲେ ଓ ଅନେକ ସମୟ ହ. ଅମ୍ମାଁ ଜାନଙ୍କ ନିକଟରେ ସେବା କରୁଥିବାର ସମୟ ଅତିବାହିତ ହେଲା। ସେ ନିଜର ଘଟଣାବଳୀ ଶୋଇବା ପୂର୍ବରୁ ବର୍ଣ୍ଣନା କରୁଥିଲେ । ବେଳେବେଳେ ହ. ମୁସ୍‌ଲେହ୍ ମଉଦ୍ ର.ଅ ହ. ଅମ୍ମାଁ ଜାନଙ୍କୁ ସାକ୍ଷାତ କରିବା ନିମନ୍ତେ ରାତ୍ର ସମୟରେ ଆସୁଥିଲେ ଏବଂ ମୋତେ ସେବା କରୁଥିବାର ଦେଖି କହୁଥିଲେ ଯେ, ପୁତ୍ରୀ ! ତୁମେ ନିଜର ଉତ୍ତମ ଜୀବନ ସାଥି ପ୍ରାପ୍ତ ହେବା ନିମନ୍ତେ ଦୁଆ କରୁଥାଅ । ମୁବଲ୍ଲିଗ୍ ସାହେବ କୁହନ୍ତି ଯେ, ଯେତେବେଳେ ମୋ ମାତାଶ୍ରୀଙ୍କର ବିବାହ ହୋଇଥିଲା ସେତେବେଳେ କିଛି ସମୟ ପରେ 1953 ମସିହାରେ ପରିସ୍ଥିତ ଅତ୍ୟନ୍ତ ସଙ୍କଟାପନ୍ନ ଏବଂ ଭୟାଭୟ (ଖରାପ) ହୋଇଗଲା । ଗ୍ରାମର କେତେକ ଲୋକମାନେ ଦୁର୍ବଳତା ପ୍ରଦର୍ଶନ କଲେ । କିନ୍ତୁ ମାତାଶ୍ରୀ ଅଲ୍ଲାଃତାଲାଙ୍କ କୃପାରୁ ଧର୍ମ ଉପରେ ତିଷ୍ଠି ରହିଲେ ଏବଂ ଅବିଚଳତା ପ୍ରଦର୍ଶନ କଲେ ଓ ନିଜର ସ୍ୱାମୀଙ୍କୁ ମଧ୍ୟ ଦୃଢ଼ ରୂପେ ଅବିଚଳତା ପ୍ରଦର୍ଶନ କରିବାକୁ ଅନୁପ୍ରାଣିତ କଲେ । ଏହାପରେ ସେ ଜଣେ ମୌଲବୀ ସାହେବଙ୍କ ଠାରୁ ପବିତ୍ର କୁରଆନ୍ କରୀମ୍ ପାଠ କରିବାକୁ ଆରମ୍ଭ କଲେ ଓ ନମାଜ, ସୁରତ୍ ଇତ୍ୟାଦି ମଧ୍ୟ ମୁଖସ୍ତ କରିବାକୁ ଆରମ୍ଭ କରିଦେଲେ । ସେହିପରି ନିଜର ରହଣୀ ସ୍ଥାନରେ ଏକ ଛୋଟିଆ ମସ୍‌ଜିଦ୍ ନିର୍ମାଣ କରି ସେହିଠାରେ ହିଁ ଜମାଅତୀୟ ଭାବରେ ନିଜର ଏକ ମର୍କଜ୍ (କେନ୍ଦ୍ର) କରିନେଲେ ।

ତାଙ୍କର ଜ୍ୟୋଷ୍ଠ ପୁତ୍ର ଖାଲିଦ୍ ମେହମୁଦ୍ ଯେକି ସେନାରେ ଥିଲେ ସେ କୁହନ୍ତି ମାତାଶ୍ରୀ ଧର୍ମକୁ ସାଂସାରକିତା ଉପରେ ଅଗ୍ରାଧିକାର ଦେଉଥିଲେ । ସେ ଆମକୁ ମଧ୍ୟ ଏହା କହୁଥିଲେ କି ଯଦି ଧର୍ମ ଉପରେ ଦୃଢ଼ତ୍ୱର ସହିତ ଅଟଳ ହୋଇଯିବ ତାହାହେଲେ ସାଂସାରିକ ପ୍ରସଙ୍ଗ ଅର୍ଥାତ ସମସ୍ୟା ସ୍ୱତଃସ୍ଫୃତଃ ଦୂରୀଭୂତ ହୋଇଯିବ। ମେହମୁଦ୍ ସାହେବ କୁହନ୍ତି: ମାତାଶ୍ରୀ ଆମମାନଙ୍କୁ ବାଲ୍ୟକାଳରୁ ହିଁ ନମାଜ ପାଠ କରିବା ପ୍ରତି ଅଭ୍ୟାସ ପକାଇଥିଲେ ଓ ସକାଳ ନମାଜରେ ଆମ ଘରୁ କିଛି ବ୍ୟବଧାନରେ ଥିବା ମସ୍‌ଜିଦକୁ ସ୍ୱୟଂ ଛାଡ଼ିବା ନିମନ୍ତେ ଆସୁଥିଲେ । ମୁହଲ୍ଲାର ଅନେକ ମହିଳା ଯେଉଁମାନେ ଅହେମଦି ନଥିଲେ ସେମାନଙ୍କୁ ମଧ୍ୟ ସେ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ପ୍ରଦାନ କରିଥିଲେ । ବର୍ତ୍ତମାନ ତ' ସେଠାରେ କୁରଆନ୍ କରୀମ୍ ପଢାଇ ପାରିବା ନାହିଁ । କିନ୍ତୁ ପୂର୍ବ ଅଣଅହେମଦିମାନଙ୍କ ମଧ୍ୟରେ ଏତିକି ଶିଷ୍ଟତା ଏବଂ ଶାଳୀନତା ଥିଲା ଯେ, ସେମାନେ ଅହେମଦିମାନଙ୍କ ଠାରୁ ପବିତ୍ର କୁରଆନ୍ କରୀମ୍ ପାଠ କରୁଥିଲେ ।

ମୃତକାଙ୍କର ସୁପୁତ୍ର ପୁନଶ୍ଚ ଉଲ୍ଲେଖ କରନ୍ତି ଯେ, ସାଧାରଣତଃ ଗାଁଗଣ୍ଡାରେ ନାରୀଶିକ୍ଷା ପ୍ରତି ସେତେଟା ଧ୍ୟାନ ଦିଆଯାଇ ନଥାଏ । କିନ୍ତୁ ଯେତେବେଳେ ଆମ ଘରେ ଝିଅ ଜନ୍ମ ନେଲା ଓ ମାତାଶ୍ରୀ ଆମ ଭଉଣୀମାନଙ୍କୁ ବିଦ୍ୟାଳୟରେ ଆଡ଼ମିଶନ କରିବାକୁ ଲାଗିଲେ, ସେତେବେଳେ ଦଦାଶ୍ରୀ (ଜେଜେ ବାପା) ଆପତ୍ତି କଲେ ଯେ, ଝିଅମାନେ ପାଠ ଶାଠ ପଢିବେ ନାହିଁ । କିନ୍ତୁ ମାତାଶ୍ରୀ ଅତ୍ୟନ୍ତ ବିନମ୍ର ତଥା ଶିଷ୍ଟତାର ସହିତ ଅହରହ ଉଦ୍ୟମ କରି ଦଦାଙ୍କୁ ରାଜି କରାଇଲେ । ଅର୍ଥାତ୍ ନାରୀମାନଙ୍କୁ ମଧ୍ୟ ଶିକ୍ଷା ପ୍ରଦାନ କରିବା ଉଚିତ୍ ଓ ସର୍ବଦା କହୁଥିଲେ ଯେ, ଝିଅମାନଙ୍କୁ ଅନ୍ତତଃ ଏତେ ଶିକ୍ଷିତ କରିବା ଉଚିତ୍ ଯେ, ସେମାନେ ଜମାଅତୀୟ ଲିଟ୍ରେଚର ପାଠ କରିପାରିବେ ଓ ସନ୍ତାନମାନଙ୍କର ସଂସ୍କାର କରିପାରିବେ ।

ରାଶିଦ୍ ଅହେମଦ୍ ସାହେବ ମାଙ୍ଗାର ନମ୍ବରଦାର୍ ଅଟନ୍ତି, ସେ କୁହନ୍ତି ଆମ ଘର ତାଙ୍କ ନିକଟରେ ଥିଲା । ଆମେମାନେ ମଧ୍ୟ ତାଙ୍କୁ ଦେଖି ଅହେମଦି ତ' ହୋଇଗଲୁ କିନ୍ତୁ ନମାଜ ପ୍ରତି ଆଦୌ ଧ୍ୟାନ ନଥିଲା । ଆପଣ (ମୃତକା) ଯେତେବେଳେ ଆମ ଘରକୁ ଆସୁଥିଲେ ସେତେବେଳେ ଆମମାନଙ୍କୁ ନମାଜ ପାଠ କରିବା ପାଇଁ ଅନୁପ୍ରାଣିତ କରୁଥିଲେ । ଆମେମାନେ ମସ୍‌ଜିଦ୍ ଦୂର ହେବାର ବାହାନା କରି ଦେଉଥିଲୁ ଓ ଆପଣ ନୀରବ ହୋଇଯାଉଥିଲେ । ଆମେମାନେ ଏହା ଦେଖିଲୁ ଯେ, ସ୍ୱର୍ଗତା ନିଜ ମୁଣ୍ଡ ଉପରେ ଟୋକେଇରେ ମାଟି ବୋଝେଇ କରି କ୍ଷେତରୁ ମାଟି ଆଣୁଥିଲେ । ଏହି ମାଟି ଆଣିବାର ପରମ୍ପରା ପ୍ରାୟ ଏକ ସପ୍ତାହ ପର୍ଯ୍ୟନ୍ତ ଅବ୍ୟାହତ ରହିଲା । ପୁନଶ୍ଚ ସେହି ମାଟିରେ ଘରର ପଶ୍ଚିମ ଦିଗରେ ଏକ ଚତୁର୍ଭୁଜ ଆକୃତିର ଛପର ଏବଂ ଚାଳ ବିହୀନ ଘର ନିର୍ମାଣ କଲେ ଓ ଉକ୍ତ ଘରର ଦୁଇ ହାତ ପାଖାପାଖି ଚାରିକାନ୍ଥ ନର୍ମାଣ କଲେ । ପୁନଶ୍ଚ ସେହି ସ୍ଥାନକୁ ମାଟି ଦ୍ୱାର ଲେପନ କରି ସଫା ସୁତୁରା କଲେ । ଏହାପରେ ସେ ନିଜ ଘରୁ ସପ (ଚଟେଇ) ଆଣି ସେଠାରେ ପକାଇଲେ ଓ ପୁନଶ୍ଚ ସେହି ଲୋକମାନଙ୍କୁ କହିଲେ, ହେଇ ନିଅ! ତୁମେମାନେ କହୁଥିଲ ପରା ଆମ ଘର ପାଖରେ ମସ୍‌ଜିଦ୍ ନାହିଁ, ବହୁ ଦୂରରେ ମସ୍‌ଜିଦ୍ ଅଛି । ସେଇଥିପାଇଁ ଆମେମାନେ ନମାଜ ପଢିବାକୁ ଯାଇ ପାରିବୁ ନାହୁଁ। ବର୍ତ୍ତମାନ ନିଜ ଘରେ ମସ୍‌ଜିଦ୍ ନିର୍ମାଣ କରିଦେଇଛି । ଏଠାକୁ ଆସି ତୁମେମାନେ ନମାଜ ପାଠ କର । ବର୍ତ୍ତମାନ ନମାଜରେ ଆଳସ୍ୟତା ପ୍ରଦର୍ଶନ କରିବ ନାହିଁ । ସେହି ଲୋକମାନେ କୁହନ୍ତି ଯେ, ଏକଥା ସତ୍ୟ ଯେ, ମୃତକା ସ୍ୱର୍ଗତା ଆମମାନଙ୍କୁ ନମାଜ ପାଠକାରୀ ବ୍ୟକ୍ତିରେ ପରିଣତ କରିଛନ୍ତି । ହୁଜୁର୍ ଅନ୍‌ୱର୍ କହିଲେ, ଏହା ଥିଲା ସେହି ମୁରବୀମାନଙ୍କର ସର୍ବୋଚ୍ଚ ଆଦର୍ଶ ଯେ, ସେ ଲୋକମାନଙ୍କୁ ପ୍ରଥମେ ଆଗଭର କରାଇଲେ ଓ କୌଣସି ବାହାନା ବା ଆଳ କରିବାକୁ ସମୟ ମଧ୍ୟ ଦେଲେ ନାହିଁ । ଅର୍ଥାତ ପ୍ରଥମେ ସ୍ୱୟଂ ଏପରି ନମୁନା ପ୍ରଦର୍ଶନ କଲେ ଯେ, ପ୍ରତିପକ୍ଷ ବାଧ୍ୟ ହୋଇଗଲା ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ସ୍ୱର୍ଗତାଙ୍କ ସୁପୁତ୍ରୀ ଉଲ୍ଲେଖ କରନ୍ତି ଯେ, ମାତାଶ୍ରୀ ଧୈର୍ଯ୍ୟ ଓ ପ୍ରସନ୍ନତାର ଜୀବନ୍ତ ପ୍ରତିମୂର୍ତ୍ତି ଥିଲେ । ଆମମାନଙ୍କୁ ମଧ୍ୟ ସର୍ବଦା ଅନୁପ୍ରାଣିତ କରୁଥିଲେ ଯେ, ହ. ଅମ୍ମାଁ ଜାନ ର.ଅଙ୍କର ଏହି ଉପଦେଶକୁ ନିଜ ମସ୍ତିଷ୍କରେ ବସା ବାନ୍ଧି ରଖିନିଅ ଯେ, କେବେ ବି ଧୈର୍ଯ୍ୟହରା ହେବ ନାହିଁ । ଶାଶୁ ଘରେ ଯେତେ ଓ ଯାହା ବି ମିଳିଯିବ ତାହାକୁ ମିତବ୍ୟୟୀନୀ ହୋଇ ଜୀବନ ଅତିବାହିତ କରିବ । ଅଲ୍ଲାଃତାଲାଙ୍କ ଅନୁଗ୍ରହତାରେ ପ୍ରସନ୍ନିତ ଓ ସନ୍ତୁଷ୍ଟ ହୋଇ ନିୟମିତ ରୂପେ ନମାଜ ପାଠ କରୁଥିବ ଏବଂ ନିଜର ସନ୍ତାନ ସନ୍ତତିଙ୍କୁ ମଧ୍ୟ ନମାଜ ପାଠ କରିବା ନିମନ୍ତେ ସମୟାନୁବର୍ତ୍ତୀ (Punctual) ହେବ ବୋଲି କହିବ । ସେ କୁହନ୍ତି ଏହାଦ୍ୱାରା ଅଲ୍ଲାଃତାଲା ଜୀବିକାରେ କଲ୍ୟାଣ ପ୍ରଦାନ କରନ୍ତି ।

ସ୍ୱର୍ଗତାଙ୍କ ସୁପୁତ୍ର ଯେକି ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି ସେ କୁହନ୍ତି: ମୁଁ ଯେତେବେଳେ ଯାମିଆ ଅହେମଦିୟାରେ ପ୍ରବେଶ କଲି ସେତେବେଳେ ମାତାଶ୍ରୀ କହିବାକୁ ଲାଗିଲେ ଯେ, ପୁତ୍ର ! ପାଠରେ ଯଦି ପ୍ରଥମ ସ୍ଥାନ ନ ବି ଆସିଲେ ତାହାହେଲେ କିଛି କଥା ନାହିଁ । କିନ୍ତୁ ସମୟର ଧର୍ମାଧକ୍ଷଙ୍କର ଆଜ୍ଞାବହତ୍ୱରେ ସର୍ବଦା ସର୍ବୋଚ୍ଚ ଶୀର୍ଷ ସ୍ଥାନ ଅଧିକାର କରିବା ପାଇଁ ଉଦ୍ୟମ କରୁଥିବ । ଅଲ୍ଲାଃତାଲା ବୈକୁଣ୍ଠରେ ସ୍ୱର୍ଗତାଙ୍କ ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ତାଙ୍କର ପ୍ରାର୍ଥନା ତାଙ୍କ ସନ୍ତାନ ସନ୍ତତିଙ୍କ ସପକ୍ଷରେ ସଂପୂର୍ଣ୍ଣ ଓ ସ୍ୱୀକୃତ ହେଉ । **ଆମିନ୍** ।

**ଦ୍ୱିତୀୟ ଯନାଜାଃ** ହେଲା ମୁମ୍ତାଜ୍ ୱସିମ୍ ସାହେବାଙ୍କର । ସ୍ୱର୍ଗତ ଚୌଧୁରୀ ୱସିମ୍ ଅହେମଦ ନାସିର ସାହେବ ଅଫ ଘଟିୟାଲିୟାଁଙ୍କର ପତ୍ନୀ ଥିଲେ । ବିଗତ ଦିନରେ ତାଙ୍କର ବିୟୋଗ ହୋଇଥିଲା । إِنَّا لِلّٰهِ وَإِنَّا إِلَيْهِ رَاجِعُونَ ତାଙ୍କର ସୁପୁତ୍ର ମଧ୍ୟ ଆଜିକାଲି ଜ୍ୟାମ୍ବିୟାରେ ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି । ସ୍ୱର୍ଗତାଙ୍କ ସଂପର୍କ ହ. ମସିହ୍ ମଉଦ୍ ଅ.ସଙ୍କ ଜଣାଶୁଣା ସାହାବି ହ. ମିଆଁ ଚିରାଗ ଦିନ୍ ସାହେବ ର.ଅ ରଇସେ (ଲାହୋର୍‌ର ଧନାଢ୍ୟ ବ୍ୟକ୍ତି) ଲାହୋର୍ ବଂଶ ସହିତ ଥିଲା । ଆପଣ ହ. ମସିହ୍ ମଉଦ୍ ଅ.ସଙ୍କ ସାହାବି ମିଆଁ ଅବଦୁର୍ ରଶିଦ୍ ସାହେବ ର.ଅଙ୍କର ପୌତ୍ରୀ ଥିଲେ ଓ ହ. ହକିମ୍ ମୁହମ୍ମଦ ହୁସୈନ୍ ସାହେବ ର.ଅଙ୍କ ଅଲ୍ ମାଆରୁଫ୍ ମରହେମ ଇସାଙ୍କ ପୌତ୍ରୀଙ୍କ ପୌତ୍ରୀ ଥିଲେ । ଖିଲାଫତ୍ ଓ ଜମାଅତୀୟ ବ୍ୟବସ୍ଥାକୁ ସେ ବହୁତ ସମ୍ମାନ ଜଣାଉଥିଲେ । ସର୍ବଦା ଦୁଆ ନିମନ୍ତେ ମୋତେ ପତ୍ର ଲେଖୁଥିଲେ ଓ ଅନ୍ୟମାନଙ୍କୁ ମଧ୍ୟ ହୁଜୁର ଅନ୍‌ୱର୍ ଅ.ବଙ୍କ ନିକଟକୁ ପତ୍ର ଲେଖିବା ନିମନ୍ତେ

### ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

**ତାଲିବେ ଦୁଆ:** Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

ଅନୁପ୍ରାଣିତ କରୁଥିଲେ । ସ୍ୱର୍ଗୀତା ନିୟମିତ ଭାବରେ ନମାଜ ପାଠକାରୀଣୀ ଓ ପବିତ୍ର କୁରଆନ୍ କରୀମ୍ ପାଠକାରୀଣୀ ମହିଳା ଥିଲେ । ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଚାନ୍ଦା ନିୟମିତ ଭାବରେ ପୈଠ କରୁଥିଲେ । ଅଲ୍ଲାଃତାଲାଙ୍କ କୃପାରୁ ସେ ସ୍ନାତକ (ବି.ଏ) ପାସ୍ କରିଥିଲେ । ସେ କୁହନ୍ତି ଯେ, ମୋର ପିତାଶ୍ରୀ ଚାକିରୀରୁ ଅବସର ନେବା ପରେ କରାଚୀରୁ ଗ୍ରାମକୁ ସ୍ଥାନାନ୍ତରିତ ଯେତେବେଳେ ହେଲେ ସେତେବେଳେ ପିଲାମାନଙ୍କୁ ସେଠାରେ ସେ ନିୟମିତ ଭାବରେ ପବିତ୍ର କୁରଆନ୍ କରୀମ ପଢାଉଥିଲେ ଓ ଏତଦ୍‌ଭିନ୍ନ ସାଂସାରିକ ଶିକ୍ଷା ମଧ୍ୟ ଦେଉଥିଲେ । ଦୀର୍ଘ ସମୟ ପର୍ଯ୍ୟନ୍ତ ଅସୁସ୍ଥ ଥିଲେ । କିନ୍ତୁ ଅତ୍ୟନ୍ତ ଧୈର୍ଯ୍ୟର ସହିତ ନିଜ ରୋଗକୁ ସେ ସହ୍ୟ କରିଥିଲେ । କୌଣସି ଅଭିଯୋଗ ଓ ଆପତ୍ତି ନଥିଲା । ମୁବଲ୍ଲିଗି ସାହେବ ଉଲ୍ଲେଖ କରନ୍ତି ଯେ, ଅତ୍ୟନ୍ତ ଆନନ୍ଦ ସହକାରେ ସେ ନିଜ ପୁତ୍ରମାନଙ୍କୁ ୱକ୍‌ଫ୍ କରିଥିଲେ ଓ ସେ ଏଥି ନିମନ୍ତେ ଅତ୍ୟନ୍ତ ପ୍ରସନ୍ନ ଥିଲେ ଯେ, ମୋର ସମସ୍ତ ପୁତ୍ରମାନେ ୱକଫ୍ ହୋଇଛନ୍ତି । ତାଙ୍କ ପିତାଶ୍ରୀ ଦ୍ୱିତୀୟ ବିବାହ କରିଥିଲେ। ପ୍ରଥମ ପତ୍ନୀଙ୍କ ବିୟୋଗ ପରେ ଆମର ସେହି ସାବତ ମାଙ୍କ ଠାରୁ ଜନ୍ମିତ ସନ୍ତାନ ଓ ଭାଇମାନଙ୍କୁ ମଧ୍ୟ ନିଜର ସନ୍ତାନଙ୍କ ପରି ଲାଳନ ପାଳନ କରିଥିଲେ ଓ କେବେ ବି ମାଙ୍କର ଅନୁପସ୍ଥିତି ଅନୁଭବ ହେବାକୁ ଦେଇ ନଥିଲେ । ଜ୍ୟାମ୍ବିୟା ଯେତେବେଳେ ଗଲେ ସେତେବେଳେ ଅନେକ ଦୁଆ ଦେଇ ବିଦାୟ ଜଣାଇଥିଲେ। ମୁବଲ୍ଲିଗ୍ ସାହେବ କୁହନ୍ତି ଯେ, କିଛି କାଳ ପୂର୍ବେ ମୁଁ ମାତାଙ୍କୁ ସାକ୍ଷାତ୍ କରିବାକୁ ମଧ୍ୟ ଯାଇଥିଲି । ଫେରିବା ସମୟରେ ମାତାଶ୍ରୀ ମୋତେ ଏହି ଆଶୀର୍ବାଦ କଲେ ଯେ, ଅଲ୍ଲାଃତାଲା ତୁମର ସାହା ଓ ରକ୍ଷା କରନ୍ତୁ । ବର୍ତ୍ତମାନ ସମ୍ଭବତଃ ପୁନଃ ଆଉ ସାକ୍ଷାତ୍ ହୋଇପାରିବ ନାହିଁ । ହୁଜୁର ଅନୱର୍ ଅ.ବ କହିଲେ, ମାତାଶ୍ରୀ ନିଜ ପଛରେ ପାଞ୍ଚଜଣ ପୁତ୍ର ଓ ଗୋଟିଏ କନ୍ୟା ସନ୍ତାନ ସନ୍ତକ ରୂପେ ଛାଡ଼ିଯାଇଛନ୍ତି। ଅଲ୍ଲାଃତାଲାଙ୍କ କୃପାରୁ ଦୁଇଜଣ ପୁତ୍ର ୱାକ୍‌ଫେ ଜିନ୍ଦୀଗୀ (ଉତ୍ସର୍ଗୀକୃତ ଜୀବନ) ଅଟନ୍ତି । ପ୍ରଥମ ପୁତ୍ର ୱକ୍‌ଫେ ଜଦିଦ୍‌ର ମୁଅଲ୍ଲିମ୍ ଅଟନ୍ତି ଯାହାଙ୍କର ନାମ ହେଲା ନସୀର୍ ନାସିର୍ ସାହେବ । ଦ୍ୱିତୀୟ ପୁତ୍ର ଜ୍ୟାମ୍ବିୟାର ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି। ଦ୍ୱିତୀୟ ପୁତ୍ର ବାହାର ଦେଶରେ ଥିବା ହେତୁ ଓ କର୍ମଭୂମିରେ କର୍ମରତ ଥିବା ହେତୁ ମାତାଙ୍କ ଅନ୍ତିମ ସଂସ୍କାରରେ ସାମିଲ ହୋଇପାରିଲେ ନାହିଁ । ଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ତଥା ତାଙ୍କର ପ୍ରାର୍ଥନାକୁ ତାଙ୍କର ସନ୍ତାନ ସନ୍ତତିଙ୍କ ସପକ୍ଷରେ ସ୍ୱୀକାର କରନ୍ତୁ । **ଆମିନ୍** ।

**ତୃତୀୟ ଯନାଜାଃ** ହେଲା, ବ୍ରିଗେଡ଼ିୟର ମୁନୱର୍ ଅହେମଦ ନାସିର୍ ସାହେବ । ସ୍ୱର୍ଗତ ମୁନୱର୍ ସାହେବ ଜମାଅତ୍ ଅହେମଦିୟା ରାୱଲ୍‌ପିଣ୍ଡି ଜିଲ୍ଲାର ଜେନେରାଲ୍ ସେକ୍ରେଟାରୀ ଥିଲେ । ତାଙ୍କର ମଧ୍ୟ ବିଗତ ଦିନ ବିୟୋଗ ହୋଇଥିଲା । اِنَّا لِلّٰهِ وَاِنَّا اِلَيْهِ رَاجِعُوْنَ । ତାଙ୍କ ବଂଶରେ ଅହେମଦିୟତ୍ ତାଙ୍କର ଦଦା ଚୌଧୁରୀ ଗୁଲାମ୍ ଅହେମଦ୍ ସାହେବ ଆଡ୍‌ଭୋକେଟ୍‌ଙ୍କ ମାଧ୍ୟମରେ ଆସିଥିଲା । ଚୌଧୁରୀ ଗୁଲାମ୍ ଅହେମଦ୍ ସାହେବ ହ. ମସିହ୍ ମଉଦ୍ ଅ.ସଙ୍କ ସାହାବି (ହ. ମସିହ୍ ମଉଦ୍ ଅ.ସଙ୍କୁ ଦେଖିଥିବା, ତାଙ୍କର ହସ୍ତରେ ବୈଅତ୍ କରିଥିବା ଓ ତାଙ୍କର ସାହଚର୍ଯ୍ୟତ୍ୱ ଲାଭ କରିତିବା ବ୍ୟକ୍ତିକୁ ସାହାବି କୁହାଯାଏ) 1971 ମସିହାରେ ପାକିସ୍ତାନ ଆର୍ମିରେ ସେ ଯୋଗ ଦେଇଥିଲେ । ସର୍ଭିସ୍ (ଚାକିରୀ) ଜୀବନ କାଳରେ ଜମାଅତ୍ ସହିତ ମଧ୍ୟ ତାଙ୍କର ନିବିଡ଼ ସଂପର୍କ ରହିଥିଲା । ସର୍ଭିସ୍ କାଳରେ ବିଭିନ୍ନ ଷ୍ଟେସନମାନଙ୍କରେ ନିଜ ଘରକୁ ନମାଜ ସେଣ୍ଟର ଭାବରେ ଉପସ୍ଥାପିତ କରୁଥିଲେ । ଜମାଅତ୍ ପ୍ରତି ତାଙ୍କର ଅନାବିଳ ପ୍ରେମ ଏବଂ ଆନ୍ତରୀକତା ଥିଲା ଓ ସେ ଜଣେ ସାହସୀ ଅହେମଦି ଅଫିସର ଥିଲେ । ଅବସର ଗ୍ରହଣ କରିବା ପରେ ସର୍ବଦା ଜମାଅତୀୟ ସେବା ନିମନ୍ତେ ନିଜକୁ ଉପସ୍ଥାପିତ କିରଦେଇଥିଲେ । ଅମାରତ୍ କ୍ୟାଣ୍ଟ୍ ଓ ରାୱଲ୍‌ପିଣ୍ଡି ଠାରେ ତାଙ୍କୁ ବିଭିନ୍ନ ଦାୟିତ୍ୱ ନିର୍ବାହ କରିବାକୁ ସାମର୍ଥ୍ୟ ଲାଭ ହୋଇଥିଲା । ଅତ୍ୟନ୍ତ କଠିନ ପରିଶ୍ରମ ତଥା ମନଯୋଗପୂର୍ବକ ଜମାଅତୀୟ ସେବା ସମ୍ପାଦନ କରୁଥିଲେ ଓ ଅତ୍ୟନ୍ତ ଶିଷ୍ଟତାର ଏବଂ ବିନୀତତାର ସହିତ ନିଜର ସାଙ୍ଗମାନଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କରୁଥିଲେ ଏବଂ ନିଜର ପଦାଧିକାରୀମାନଙ୍କର ଆଜ୍ଞା ପାଳନ କରୁଥିଲେ । ଖିଲାଫତ୍ ସହିତ ଅତ୍ୟନ୍ତ ବିଶ୍ୱସ୍ତତା ଏବଂ ଆଜ୍ଞାବହତାର ସଂପର୍କ ଥିଲା । ପ୍ରତ୍ୟେକ ତେହ୍‌ରିକ୍ (ଆହ୍ୱାନ)ରେ ସେ ଉପସ୍ଥିତ ରହୁଥିଲେ । ଅଭାବି ଓ ଦରିଦ୍ରମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରୁଥିଲେ । ସମସ୍ୟାଗ୍ରସ୍ତ ବ୍ୟକ୍ତିମାନଙ୍କ ସକାଶେ ସର୍ବଦା ସାହାଯ୍ୟ କରିବା ନିମନ୍ତେ ତତ୍ପର ରହୁଥିଲେ । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତ ମୁନୱର୍ ସାହେବ ଓସିୟତ୍ କରିଥିଲେ । ଶୋକସନ୍ତପ୍ତ ପରିବାରରେ ତାଙ୍କର ବୃଦ୍ଧା ମାତାଶ୍ରୀ ସଲିମା ଖୁର୍ଶିଦ୍ ସାହେବା ଓ ଦୁଇ ଜଣ ପତ୍ନି ଏବଂ ପାଞ୍ଚଜଣ ସନ୍ତାନ ଅଛନ୍ତି । ତନ୍ମଧ୍ୟରେ ଚାରିଜଣ କନ୍ୟା ସନ୍ତାନ ଓ ଗୋଟିଏ ପୁତ୍ର ସନ୍ତାନ ରହିଛନ୍ତି । ଅଲ୍ଲାଃତାଲା ସ୍ୱର୍ଗତ୍‌ଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍** ।

ଶେଷ ଯନାଜାଃ ଯେଉଁ ବ୍ୟକ୍ତିଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ଅବସରପ୍ରାପ୍ତ ଗ୍ରୁପ୍ କ୍ୟାପଟେନ୍ ଅବ୍‌ଦୁଶ୍ ଶକୁର୍ ମଲିକ୍ ସାହେବ ଯେକି ଆଜିକାଲି ଡେଲାସ୍ ଆମେରିକାରେ ଥିଲେ । ସେଠାରେ ବିଗତ ଦିନ ତାଙ୍କର ବିୟୋଗ ହୋଇଥିଲା। اِنَّا لِلّٰهِ وَاِنَّا اِلَيْهِ رَاجِعُوْنَ । ତାଙ୍କର ନନା ଗୁଲାମ୍ ନବୀ ଶେଖ୍ ସାହେବ ହ. ମସିହ୍ ମଉଦ୍ ଅ.ସଙ୍କ ସାହାବି ଥିଲେ । ତାଙ୍କ ମାଧ୍ୟମରେ ଆପଣ ପୈତୃକ ଗ୍ରାମ ନୌଶେହେରା ଠାରେ ମଧ୍ୟ ଅହେମଦିୟତ୍‌ର ତବ୍‌ଲିଗ୍ ପ୍ରାରମ୍ଭ ହୋଇଥିଲା ଏବଂ ଜମାଅତ୍ ସ୍ଥାପିତ ହୋଇଥିଲା । ସ୍ୱର୍ଗତ ଶକୁର୍ ମଲିକ୍ ସାହେବ ପାକିସ୍ତାନ ଏୟାର୍ ଫୋର୍ସ (ବାୟୁସେନା)ରେ ଇଞ୍ଜିନିୟର (ଯନ୍ତ୍ରୀ) ଭାବରେ ଓ ପରେ ଗ୍ରୁପ୍ କ୍ୟାପଟେନ୍ ଭାବରେ କାର୍ଯ୍ୟ କରିବାକୁ ସାମର୍ଥ୍ୟ ଲାଭ ହୋଇଥିଲା । ପନ୍ଦର ବର୍ଷ ପର୍ଯ୍ୟନ୍ତ ରାୱଲ୍‌ପିଣ୍ଡିରେ ନାଏବ୍ ଅମୀର ଭାବରେ ଦାୟିତ୍ୱ ତୁଲାଇଥିଲେ । ଉକ୍ତ ଅବଧି ମଧ୍ୟରେ ଆପଣ ଅସଂଖ୍ୟ ଅସିରାନ୍‌ଙ୍କ (ଅଲ୍ଲାଃତାଲାଙ୍କ ସକାଶେ କାରାବରଣ ଦଣ୍ଡ ଭୋଗୁଥିବା ଅହେମଦି) ମକଦ୍ଦମା ଲଢୁଥିଲେ । ଖିଲାଫତ୍ ସହିତ ତାଙ୍କର ଗଭୀର ସଂପର୍କ ଥିଲା । ବୟୁସେନାରେ ଚାକିରୀ କରିବା ସମୟରେ ଅଣଅହେମଦିମାନେ ଜମାଅତ୍‌ର ବିରୋଧ କରିବା ସତ୍ତ୍ୱେ ଆପଣ ଅତ୍ୟନ୍ତ ସାହସକିତାର ସହିତ ଜମାଅତ୍ ଅହେମଦିୟାର ପରିଚୟ ଏବଂ ଗାରିମାକୁ ସେ ଅକ୍ଷୁର୍ଣ୍ଣ ରଖିଥିଲେ । ଅବସର ନେବା ପରେ ନିଜର ଜୀବନକୁ ଜମାଅତ୍ ସକାଶେ ଉତ୍ସର୍ଗ କରିଦେଇଥେଲେ। ଆପଣ ଜମାଅତୀୟ ବ୍ୟବସ୍ଥାର ଆଜ୍ଞାବହତା, ଖିଲାଫତ୍‌ର ଆଜ୍ଞା ପାଳନର ସର୍ବୋଚ୍ଚ ଉଦାହରଣ ଉପସ୍ଥାପନ କରିଥିଲେ । ଦିନ ହେଉ କି ରାତି ହେଉ ଯେତେବେଳେ ବି ତାଙ୍କୁ ଅମୀର୍ ଜମାଅତ୍ ଡ଼ାକୁଥିଲେ କିମ୍ବା ଜମାଅତ୍ ଡ଼ାକୁଥିଲା ସେତେବେଳେ ସେ ତୁରନ୍ତ ଉପସ୍ଥିତେ ହୋଇଯାଉଥିଲେ । କେବେ ବି କୌଣସି ବାହାନା କରୁ ନଥିଲେ। ନମାଜ ନିୟମିତ ପାଠ କରୁଥିଲେ, ରୋଜା ରଖୁଥିଲେ । ପ୍ରତ୍ୟେକ ବ୍ୟକ୍ତିକୁ ଭଲ ପାଉଥିଲେ । ସେ ଅନ୍ୟମାନଙ୍କ ଉପରେ ସୁପ୍ରଭାବ ପକାଉଥିଲେ ଏବଂ ଅସଂଖ୍ୟ ସୁଗୁଣାବଳୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ।

ସ୍ୱର୍ଗତଙ୍କର ସୁପୁତ୍ରୀ ଶାଜିୟା ସୁହେଲ୍ ସାହେବା କୁହନ୍ତି କି ମୋ ପିତାଶ୍ରୀ ଅନେକ ସମୟ ଜମାଅତ୍‌ର କାର୍ଯ୍ୟରେ ସମୟ ଅତିବାହିତ କରୁଥିଲେ । ସେ ଯେଉଁ ସ୍ଥାନରେ ବି ହେଉଥିଲେ ସେଠାରେ ନିଜର ପ୍ରିୟ ସମୟକୁ ନମାଜ ପାଠ କିମ୍ବା ଜମାଅତ୍ କାର୍ଯ୍ୟରେ ଅତିବାହିତ କରୁଥିଲେ । ଅଲ୍ଲାତାଲାଙ୍କର କୃପା ଓ ଦୁଆ (ପ୍ରାର୍ଥନା) ସ୍ୱୀକୃତ ହେବାର ବିଶ୍ୱାସବର୍ଦ୍ଧକ ଘଟଣା ଆମକୁ ଶୁଣାଉଥିଲେ । ସର୍ବଦା ନିଜର ସନ୍ତାନମାନଙ୍କୁ ନିଜ ସହିତ ବସାଉଥିଲେ ଓ ଏହି ଘଟଣାବଳୀ ବର୍ଣ୍ଣନା କରୁଥିଲେ ଯେ, ଅଲ୍ଲାଃତାଲାଙ୍କର ଅହେମଦିମାନଙ୍କ ସହିତ କେଉଁ ବିଶେଷ ସଂପର୍କ ରହିଛି। ଅଲ୍ଲାଃତାଲା କିପରି ଅହେମଦିମାନଙ୍କର ସମସ୍ୟାକୁ ଦୂର କରନ୍ତି । ଆପଣ ଆମମାନଙ୍କୁ ଖଲିଫତୁଲ୍ ମସିହ୍‌ଙ୍କ ନିକଟକୁ ସମସ୍ତ ମୁଖ୍ୟ ପ୍ରସଙ୍ଗ ଏବଂ ସମସ୍ୟା ନିମନ୍ତେ ପତ୍ର ଲେଖିବା ନିମନ୍ତେ ପ୍ରୋତ୍ସାହିତ କରୁଥିଲେ । ସର୍ବଦା କହୁଥିଲେ ଯେ, ପ୍ରତ୍ୟେକ କଥା ପତ୍ରରେ ଉଲ୍ଲେଖ କର । ସୁପୁତ୍ରୀ କୁହନ୍ତି ଯେ, ପିତାଶ୍ରୀଙ୍କ ଏକ ପରିଚୟ ଅଲ୍ଲାଃତାଲାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଏବଂ ପ୍ରଭୁଙ୍କ ଅନୁଗ୍ରହତା ସମ୍ମୁଖରେ ନତମସ୍ତକ କରିବା ଥିଲା । ପିତାଶ୍ରୀ ବାଲ୍ୟ କାଳରୁ ହିଁ ଆମମାନଙ୍କୁ ଏହା ଶିଖାଇଲେ ଯେ, ଯେତେବେଳେ ବି ଆମ ନିକଟକୁ କୌଣସି ଟଙ୍କା ପଇସା ଆସେ ତାହାହେଲେ ସେପରିପ୍ରେକ୍ଷୀରେ ତୁମେ ସେହି ଅର୍ଥରୁ ଅବଶ୍ୟ ଚାନ୍ଦା ବାହାର କରିଦିଅ । ଏହା ଦ୍ୱାରା ଆମର ଆୟରେ ମଧ୍ୟ କଲ୍ୟାଣ ହେବ ଓ ପବିତ୍ରତାରେ ମଧ୍ୟ ଅଭିବୃଦ୍ଧି ହେବ । ସ୍ୱର୍ଗତ ଅବ୍‌ଦୁଶ୍ ଶକୁର ସାହେବ ଓସିୟତ୍ କରିଥିଲେ । ଶୋକ ସନ୍ତପ୍ତ ପରିବାର ମଧ୍ୟରେ ତିନିଜଣ କନ୍ୟ ସନ୍ତାନ ରହିଛନ୍ତି ଓ ଏକମାତ୍ର ପୁତ୍ର ସନ୍ତାନ ରହିଛି । ତାଙ୍କର ସୁପୁତ୍ର ଡାକ୍ତର ଆମିର୍ ସାହେବ ଆମେରିକାରେ ହିଁ ଡାକ୍ତର ଅଛନ୍ତି । ସେ ମଧ୍ୟ ଜମାଅତ୍‌ର କାର୍ଯ୍ୟ କରୁଛନ୍ତି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । ତାଙ୍କର ପ୍ରାର୍ଥନାକୁ ତାଙ୍କର ସନ୍ତାନ ସନ୍ତତିଙ୍କ ସପକ୍ଷେ ସ୍ୱୀକାର କରନ୍ତୁ । **ଆମିନ୍** । ☆ ☆ ☆

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

## ନବୀ ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya
Kerang, Darul Fazal (Odisha)

# (ଖୁତ୍‌ବା ଜୁମା)

**ତୁମ ନିମନ୍ତେ ଅନ୍ୟ ଦୈବୀକ ଶକ୍ତି ଦେଖିବା ମଧ୍ୟ ଆବଶ୍ୟକ ଓ ତା'ର ଆଗମନ ତୁମମାନଙ୍କ ସକାଶେ ସର୍ବୋତ୍ତମ ଅଟେ । କାରଣ ତାହା ସାର୍ବକାଳୀନ ଏବଂ ଯାହାର ପରମ୍ପରା ପ୍ରଳୟ ଦିବସ ପର୍ଯ୍ୟନ୍ତ ଅନବିଛିନ୍ନ ଏବଂ ଖଣ୍ଡିତ ହେବ ନାହିଁ । (ହ. ମସିହ୍ ମଉଦ୍ ଅ.ସ)**

**"ମୁଁ ପ୍ରଭୁଙ୍କ ପକ୍ଷରୁ ଏକ ଐଶୀ ଶକ୍ତି ରୂପେ ତଥା ଐଶୀ ଚମତ୍କାର ସ୍ୱରୂପ ପ୍ରାଦୁର୍ଭୂତ ହୋଇଅଛି ଏବଂ ପ୍ରଭୁଙ୍କର ଏକ ସାକ୍ଷାତ୍ ଦୈବୀକ ମାୟା ଓ ଦୈବୀକ ଶକ୍ତି ଅଟେ । ମୋ ପରେ ଆହୁରି ଅନେକ ଅସ୍ତିତ୍ୱମାନେ ଜନ୍ମ ଗ୍ରହଣ କରିବେ ଯେଉଁମାନେ ଅନ୍ୟ ଦୈବୀକ ଶକ୍ତିର ଅଧିକାରୀ ହେବେ ଏବଂ ଦୈବୀକ ଶକ୍ତିର ପରି ପ୍ରକାଶକାରୀ ହେବେ ।" (ହ. ମସିହ୍ ମଉଦ୍ ଅ.ସ)**

**ବିରୋଧୀମାନେ ଏହା କହିବା ପାଇଁ ମଧ୍ୟ ବାଧ୍ୟ ଯେ, ଅଲ୍ଲାଃତାଲାଙ୍କର କୃତ୍ୟମୂଳକ ସାକ୍ଷ୍ୟ ତୁମ ସହିତ ରହିଛି**

**ଖିଲାଫତେ ହକ୍କା (ପ୍ରକୃତ ଇସଲାମୀୟ ଖିଲାଫତ୍) ଇସଲାମୀୟାର ସମର୍ଥନର ପ୍ରତିଲିପିକାରୀ ବା ଚିତ୍ରାଙ୍କନକାରୀ ଲୋକମାନଙ୍କର କେତେକ ବିଶ୍ୱାସବର୍ଦ୍ଧକ ଘଟଣାବଳୀ ।**

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 26 May 2023 ମସିହା ଅନୁଯାୟୀ ୨୬ ହିଜ୍ରତ୍ /୧୪୦୨ସ ହିଜ୍ରୀ ଶମ୍ସୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ଅଲ୍ଲାଃତାଲା ଯେତେବେଳେ ହ. ମସିହ୍ ମଉଦ୍ ଅ.ସଙ୍କୁ ଏହି ସୂଚନା ଦେଲେ ଯେ, ହେ ପ୍ରତିଶ୍ରୁତ ମସିହ୍ ! ତୁମ୍ଭର ଇହଧାମରୁ ବିଦାୟ ନେବାର ସମୟ ଖୁବ୍ ନିକଟବର୍ତ୍ତୀ। ଅତଃ ଆପଣ ଅ.ସ ନିଜ ଜମାଆତ୍‌ର ସଦସ୍ୟବୃନ୍ଦଙ୍କୁ ସମ୍ବୋଧିତ କରି କହିଲେ: ଅଲ୍ଲାଃତାଲା ଦୁଇ ପ୍ରକାରର ଦୈବୀକ ଶକ୍ତି ପ୍ରକାଶ କରିଥାଆନ୍ତି । **(1)** ସ୍ୱୟଂ ନବୀଙ୍କ ହସ୍ତ ମାଧ୍ୟମରେ ନିଜ ଦିବ୍ୟ ଶକ୍ତିର ହସ୍ତ ଦେଖାଇ ଥାଆନ୍ତି । **(2)** ଏଭଳି ସନ୍ଧିକ୍ଷଣ ମୁହୂର୍ତ୍ତରେ ଯେତେବେଳେ ଅବତାରଙ୍କ ବିୟୋଗ ପରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ ଏବଂ ଶତ୍ରୁ ସକଳ ସାମର୍ଥ୍ୟ ତଥା ଶକ୍ତିକୁ ବିନିଯୋଗ କରି ଅବତାରଙ୍କ ସଂପ୍ରଦାୟ ଏବଂ ଅନୁଗାମୀମାନଙ୍କ ଉପରେ ଆକ୍ରମଣ କରି ଏହା ଭାବନ୍ତି ଯେ, ବର୍ତ୍ତମାନ ଅବତାର ସଂପ୍ରଦାୟର କାର୍ଯ୍ୟ ବିଗିଡ଼ି ଯାଇଛି ଏବଂ ବର୍ତ୍ତମାନ ଉକ୍ତ ସଂପ୍ରଦାୟଟି ଧ୍ୱଂସ ପ୍ରାପ୍ତ ହୋଇଯିବ । ସ୍ୱୟଂ ଜମାଅତ୍‌ର ଲୋକମାନେ ମଧ୍ୟ ଆଶଙ୍କା ଦେଇ ଗତି କରନ୍ତି ଏବଂ ସେମାନଙ୍କର ଅଣ୍ଟା ଭାଙ୍ଗିଯାଇଥାଏ । ଅନେକ ପ୍ରକାରର ଦୁର୍ଭାଗ୍ୟ ବ୍ୟକ୍ତି ବିଧର୍ମୀତା ମାର୍ଗ ଅବଲମ୍ବନ କରି ନିଅନ୍ତି । ସେତେବେଳେ ଅଲ୍ଲାଃତାଲା ଦ୍ୱିତୀୟ ଥର ନିଜ ସଂକ୍ରାନ୍ତରେ ଭବ୍ୟ ଦୈବୀକ ଶକ୍ତି ପ୍ରକାଶିତ କରିଥାଆନ୍ତି ଓ ପତନୋନ୍ମୁଖୀ ଜମାଅତ୍‌କୁ ସମ୍ଭାଳି ନିଅନ୍ତି । ସୁତରାଂ ଯେଉଁ ବ୍ୟକ୍ତି ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟ ପ୍ରଦର୍ଶନ କରିଥାଏ, ସେ ଅଲ୍ଲାଃତାଲାଙ୍କର ସେହି ଅଲୌକିକ ଚମତ୍କାର ତଥା ଲୀଳାକୁ ଅବଲୋକନ କରିଥାଏ । ଯେପରିକି ହ. ଅବୁ ବକର୍ ସିଦ୍ଦିକ୍ ର.ଅଙ୍କ ସମୟରେ ହୋଇଥିଲା । ଅର୍ଥାତ୍ ଆଁହଜରତ୍ ସ.ଅଙ୍କ ବିୟୋଗକୁ ଅସମୟ ମୃତ୍ୟୁ ବୋଲି ମନେକରାଗଲା, ଅନେକ ପୁରପଲ୍ଲୀର ଅବୋଧ ବ୍ୟକ୍ତିମାନେ ବିଧର୍ମୀ ପାଲଟିଗଲେ, ସାହାବାମାନେ ପାଗଳଙ୍କ ପରି ହୋଇଗଲେ । ସେତେବେଳେ ଅଲ୍ଲାଃତାଲା ହ. ଅବୁ ବକର ର.ଅଙ୍କୁ ଛିଡ଼ା କରି ପୁନଃ ନିଜର ଦୈବୀକ କୃପା ଏବଂ ଈଶ୍ୱରତ୍ୱର ଉଦାହରଣ ପ୍ରଦର୍ଶନ କଲେ ଓ ଇସ୍‌ଲାମ୍ ଧର୍ମକୁ ଧ୍ୱଂସ ହେବାରୁ ତା'ର ହସ୍ତକୁ ଧରିନେଲେ ଏବଂ ଉକ୍ତ ପ୍ରତିଶ୍ରୁତିକୁ ପୂରଣ କଲେ ଯାହା ସଂକ୍ରାନ୍ତରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମରେ କହିଥିଲେ, وَلَيُمَكِّنَنَّ لَهُمْ دِيْنَهُمُ الَّذِى ارْتَضٰى لَهُمْ وَلَيُبَدِّلَنَّهُمْ مِّنْ بَعْدِ خَوْفِهِمْ اَمْنًا **(ଅନ୍ ନୁର୍:56)** ଅର୍ଥାତ୍ ଯେଉଁ ଧର୍ମକୁ ଅଲ୍ଲାଃତାଲା ମୁସଲମାନମାନଙ୍କ ପାଇଁ ପସନ୍ଦ କିରଛନ୍ତି ସେ ତାହାକୁ ସେମାନଙ୍କ ପାଇଁ ଦୃଢ଼ ଭାବରେ ସ୍ଥାପନ କରିଦେବେ ଏବଂ ସେମାନଙ୍କର ଭୟପ୍ରଦ ଅବସ୍ଥାକୁ ପରେ ସେ ସେମାନଙ୍କ ପାଇଁ ଶାନ୍ତିର ଅବସ୍ଥାରେ ପରିଣତ କିରଦେବେ । ଠିକ୍ ଏହିପରି ହ. ମୁସା ଅ.ସଙ୍କ କାଳରେ ହେଲା ଯେ, ହ. ମୁସା ଅ.ସ ବନି ଇସ୍ରାଇଲ୍ ସହିତ ଯେଉଁ ପ୍ରତିଶ୍ରୁତି କରିଥିଲେ ଯେ, ସେ ସେମାନଙ୍କୁ ଲକ୍ଷ୍ୟସ୍ଥଳ ପର୍ଯ୍ୟନ୍ତ ପହଞ୍ଚାଇଦେବେ କିନ୍ତୁ ହ. ମୁସା ଅ.ସ ମିସର୍ ଓ କିନ୍‌ଆନ୍ ମାର୍ଗରେ ପହଞ୍ଚିବା ପୂର୍ବରୁ ହିଁ ମୃତ୍ୟୁବରଣ କଲେ । ବନି ଇସ୍ରାଇଲ୍‌ରେ ତାଙ୍କର ଅକାଳ ବିୟୋଗ ଘଟିବା ଯୋଗୁଁ ଶୋକର ଛାୟା ଖେଳି ଯାଇଥିଲା । ଯେପରିକି ତୌରାତ୍‌ରେ ଉଲ୍ଲେଖ ରହିଛି ଯେ, ବନି ଇସ୍ରାଇଲ୍ ହ. ମୁସା ଅ.ସଙ୍କ ଅକାଳ ବିୟୋଗ ଏବଂ ସହସା ମୃତ୍ୟୁ ଓ ବିରହ ଯୋଗୁଁ ଦୀର୍ଘ ଚାଳିଶି ଦିନ ପର୍ଯ୍ୟନ୍ତ ରୋଦନ ଏବଂ ବିଳାପ କରିଥିଲେ । ସୁତରାଂ ହେ ପ୍ରିୟ ବନ୍ଧୁମାନେ ! ଅଲ୍ଲାଃତାଲାଙ୍କର ଏହି ପୁରାତନ ପ୍ରଥା ଓ ପରମ୍ପରା ରହି ଆସିଛି ଯେ, ଅଲ୍ଲାଃତାଲା ଦୁଇଟି ଦୈବୀକ ଶକ୍ତି (ଲୀଳା) ପ୍ରଦର୍ଶନ କରିଥାଆନ୍ତି । କାରଣ ପ୍ରଭୁ ବିରୋଧୀମାନଙ୍କର ଦୁଇଟି ମିଛ ଆନନ୍ଦ ଓ ଉଲ୍ଲାସକୁ ଦୁର୍ଦ୍ଦଶାରେ ପରିଣତ କରି ଦେଖାଇ ଦେଲେ । ଅତଃ ବର୍ତ୍ତମାନ ଏହା ସମ୍ଭବ ନୁହଁ ଯେ, ଅଲ୍ଲାଃତାଲା ନିଜର ପୁରାତନ ପରମ୍ପରାକୁ ପରିହାର (ପରିତ୍ୟାଗ) କରିଦେବେ । ଅତଃ ତୁମେମାନେ ମୋର ଉକ୍ତ କଥା ଯୋଗୁଁ ଅର୍ଥାତ୍ ମୁଁ ତୁମମାନଙ୍କ ଆଗରେ ଯାହା ବର୍ଣ୍ଣନା କଲି ତୁମେମାନେ ଦୁଃଖିତ ଓ ମର୍ମାହତ ହୁଅ ନାହିଁ । ତୁମ ହୃଦୟ ବିବ୍ରତ ଏବଂ ଚିନ୍ତିତ ହୋଇ ନଯାଉ । କାରଣ ତୁମ ନିମନ୍ତେ ଅନ୍ୟ ଦୈବୀକ ଶକ୍ତି ମଧ୍ୟ ଅବଲୋକନ କରିବା ଏକାନ୍ତ ଆବଶ୍ୟକ ଅଟେ । ଏହାର ଆସିବା ମଧ୍ୟ ତୁମମାନଙ୍କ ପକ୍ଷେ ଉତ୍ତମ ଅଟେ । କାରଣ ତାହା ସାର୍ବକାଳୀନ ଦୈବୀକ ଶକ୍ତି ଅଟେ । ଏହାର ପରମ୍ପରା ପ୍ରଳୟ ଦିବସ ପର୍ଯ୍ୟନ୍ତ ଅବ୍ୟାହତ ରହିବ ତାହା ବିଚ୍ଛିନ୍ନ (ଖଣ୍ଡିତ) ହେବ ନାହିଁ । ସୁତରାଂ ମୁଁ ଯେପର୍ଯ୍ୟନ୍ତ ଚାଲିଯାଇ ନାହିଁ (ମୃତ୍ୟୁବରଣ କରି ନାହିଁ) ସେପର୍ଯ୍ୟନ୍ତ ସେହି ଦୈବୀକ ଶକ୍ତି ଆସି ପାରିବ ନାହିଁ । କିନ୍ତୁ ମୁଁ ଯେତେବେଳେ ଇହଧାମ ତ୍ୟାଗ କରି ଆରଧାମକୁ (ସ୍ୱର୍ଗାଲୋକକୁ) ଗମନ କରି ନାହିଁ । କିନ୍ତୁ ମୁଁ ଯେତେବେଳେ ଇହଧାମ ତ୍ୟାଗ କରି ଆରଧାମକୁ ଗମନ କରିବି ସେତେବେଳେ ଅଲ୍ଲାଃତାଲା ଅନ୍ୟ ଦୈବୀକ ଶକ୍ତିକୁ ତୁମମାନଙ୍କ ନିମନ୍ତେ ପ୍ରେରଣ କରିଦେବେ ଯିଏ ସର୍ବଦା ତୁମମାନଙ୍କ ସହିତ ରହିବ । ଯେପରିକି ଅଲ୍ଲାଃତାଲା ବରାହିନେ ଅହେମଦିୟାରେ ପ୍ରତିଶ୍ରୁତି ଦେଇଛନ୍ତି ଏବଂ ତାହା ମୋ ଅସ୍ତିତ୍ୱ ସଂକ୍ରାନ୍ତରେ ନୁହେଁ ବରଂ ତୁମମାନଙ୍କ ସଂକ୍ରାନ୍ତରେ ପ୍ରତିଶ୍ରୁତି ରହିଛି । ଯେପରିକି ଅଲ୍ଲାଃତାଲା କୁହନ୍ତି ଯେ, ମୁଁ ଉକ୍ତ ସଂପ୍ରଦାୟକୁ ଯେଉଁମାନେ ତୁମ୍ଭର ଅନୁଗାମୀ ଅଟନ୍ତି ପ୍ରଳୟ ଦିବସ ପର୍ଯ୍ୟନ୍ତ ଅନ୍ୟମାନଙ୍କ ଉପରେ ବିଜୟ ପ୍ରଦାନ କରୁଥିବି। ସୁତରାଂ ଏହା ଆବଶ୍ୟକତ ଯେ, ତୁମମାନଙ୍କ ପକ୍ଷେ ମଧ୍ୟ ମୋର ବିରହର ଦିନ ଆସିବ । କାରଣ ଏହାପରେ ସେହି ଦିବସଟି ଆସୁ ଯାହାକି ସାର୍ବକାଳୀନ ଅଟେ। ଆମର ପ୍ରଭୁ ପ୍ରତିଶ୍ରୁତି ରକ୍ଷାକାରୀ ପ୍ରଭୁ ଅଟନ୍ତି ଓ ବିଶ୍ୱସ୍ତ ତଥା ସତ୍ୟବାଦୀ ପ୍ରଭୁ ଅଟନ୍ତି । ସେ ତୁମମାନଙ୍କୁ ତାହାସବୁ ଦେଖାଇବେ ଯାହାର ପ୍ରତିଶ୍ରୁତି ସେ ତୁମମାନଙ୍କ ସହିତ କରିଛନ୍ତି । ଯଦି ସେହି ଦିବସଟି ଶେଷ ଦିବସ ବି ହୁଏ ଓ ବିପତ୍ତି ବି ଆସେ, ବିପତ୍ତି ଅବତରୀଣ୍ଣ ହେବାର ସମୟ ହୋଇଥାଏ ତାହାହେଲେ ମଧ୍ୟ ସେ ତୁମମାନଙ୍କୁ ତାହା ଦେଖାଇବେ ବା ଅବଲୋକନ କରାଇବେ ଯାହାର ପ୍ରତିଶ୍ରୁତି ସେ ତୁମମାନଙ୍କ ସହିତ କରିଛନ୍ତି । ତେଣୁ ଯେପର୍ଯ୍ୟନ୍ତ ସେହି ସମସ୍ତ ପ୍ରତିଶ୍ରୁତି ପୂର୍ଣ୍ଣ ହୋଇଯାଇ ନାହିଁ ଯାହାର ଅଲ୍ଲାଃତାଲା ପ୍ରତିଶ୍ରୁତି ଦେଇଛନ୍ତି ସେପର୍ଯ୍ୟନ୍ତ ସଂସାର ତିଷ୍ଠି ରହୁ । ମୁଁ ପ୍ରଭୁଙ୍କ ପକ୍ଷରୁ ଏକ ଦୈବୀକ ଶକ୍ତି (ଲୀଳା) ରୂପେ ପ୍ରାଦୁର୍ଭୂତ ହୋଇଅଛି ଏବଂ ମୁଁ ପ୍ରଭୁଙ୍କର ଏକ ସାକ୍ଷାତ୍ ଶାରୀରୀକ ଦୈବୀକ ଶକ୍ତି ଅଟେ । ମୋ ପରେ ଆହୁରି ଅନେକ ଅସ୍ତିତ୍ୱ ହେବେ ଯେଉଁମାନେ ଅନ୍ୟ ଦୈବୀକ ଶକ୍ତିର ପରିପ୍ରକାଶକ ହେବେ ।

ହୁଜୁର ଅ.ସ କହିଲେ: "ଅଲ୍ଲାଃତାଲା ଚାହାନ୍ତି ଯେ, ସେହି ସମସ୍ତ ଆତ୍ମାମାନଙ୍କୁ ଯେଉଁମାନେ ପୃଥିବୀର ବିଭିନ୍ନ ଭୂଖଣ୍ଡରେ ବାସ କରନ୍ତି । ୟୁରୋପ କ'ଣ, ଏସିଆ କ'ଣ, ସେହି ସମସ୍ତଙ୍କୁ ଯାହା କି ପୁଣ୍ୟ ସ୍ୱଭାବର ଅଧିକାରୀ ଅଟନ୍ତି ସେହି ବ୍ୟକ୍ତିମାନଙ୍କୁ ଅଲ୍ଲାଃତାଲା ଏକେଶ୍ୱରବାଦ ଆଡ଼କୁ ଆକର୍ଷିତ କରନ୍ତି ଓ ନିଜର ଭକ୍ତମାନଙ୍କୁ ଏକ ଧର୍ମ ଉପରେ ଏକତ୍ରିତ କରନ୍ତୁ । ଏହା ହିଁ ଅଲ୍ଲାଃତାଲାଙ୍କର ଅଭିପ୍ରାୟ ଯାହା ପାଇଁ ମୁଁ ସଂସାରରେ ପ୍ରେରଣ କରାଯାଇଛି । ଅତଃ ତୁମେମାନେ ଉକ୍ତ ଅଭିପ୍ରାୟର ଅନୁକରଣ କର । କିନ୍ତୁ ବିନମ୍ରତା ଓ ଚରିତ୍ର ଏବଂ ପ୍ରାର୍ଥନା ଉପରେ ଗୁରୁତ୍ୱାରୋପ ଦେବା ଦ୍ୱାରା ହିଁ ସମ୍ଭବପର ହେବ ।"

**(ରିସାଲା ଅଲ୍ ଓସିୟତ୍, ରୁହାନୀ ଖଜାଏନ୍, ଭାଗ-20, ପୃ-304-307)**

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 01 FEBRUARY 2024 Issue No.-5

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ସୁତରାଂ ଯେତବେଳେ ହ. ମସିହ୍ ମଉଦ୍ ଅ.ସଙ୍କର ଅକାଳ ବିୟୋଗ ହେଲା ସେତେବେଳେ ଅଲ୍ଲାଃତାଲା ନିଜର ପ୍ରତିଶୃତି ଅନୁଯାୟୀ ଜମାଅତ୍‌କୁ ହ. ହକିମ୍ ମୌଲାନା ନୁରୁଦ୍ଦୀନ ସାହେବ ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କ ହସ୍ତ ଉପରେ ଏକତ୍ରିତ କରିଲେ । ଅର୍ଥାତ୍ କେତେକ ଲୋକମାନେ ଚାହୁଁଥିଲେ ଯେ, ଅଞ୍ଜୁମନ୍ ହସ୍ତରେ ଜମାଅତ୍‌ର ପରିଚାଳନା ବ୍ୟବସ୍ଥା ରହୁ । କିନ୍ତୁ ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ଲୌହ ହସ୍ତ ଦ୍ୱାରା ଉକ୍ତ ଉପଦ୍ରବକୁ ମୂଳୋତ୍ପାଟନ କରିଲେ ।

ପୁନଶ୍ଚ ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କ ବିୟୋଗ ପରେ ହ. ମିର୍ଜା ବଶୀରୁଦ୍ଦୀନ୍ ମେହ୍‌ମୁଦ୍ ଅହେମଦ ଖଲିଫତୁଲ୍ ମସିହ୍ ସାନି ର.ଅ ଖିଲାଫତ୍ ସିଂସାହନରେ ଅଭିଷିକ୍ତ ହେଲେ । ଆପଣ ର.ଅଙ୍କ ଖଲିଫା ରୂପେ ମନୋନୀତ ହେବା ସମୟରେ ମଧ୍ୟ କେତେକ ଲୋକମାନେ ଯେଉଁମାନେ ନିଜକୁ ଶୈକ୍ଷିକ ଓ ବୌଦ୍ଧିକ ଦୃଷ୍ଟିରୁ ବହୁତ ବଡ଼ ଓ ଯୋଗ୍ୟ ବୋଲି ବିଚାର କରୁଥିଲେ, ସେମାନେ ଉପଦ୍ରବ ସୃଷ୍ଟି କରିବାକୁ ଉଦ୍ୟମ କଲେ, ସେମାନଙ୍କର ଏହି ପ୍ରଚେଷ୍ଟା ଥିଲା କି ଖିଲାଫତ୍ ନିର୍ବାଚନୀକୁ ତ' ପ୍ରତିରୋଧ କରାଯାଇ ପାରିବ ନାହିଁ କିନ୍ତୁ କିଛି ମାସ ପାଇଁ ଏହାକୁ ମୁଲତବୀ କରିଦିଆଯାଉ । କାରଣ ସେମାନଙ୍କୁ ଜମାଅତ୍‌ରେ ପୃଥକତା ସୃଷ୍ଟି କରିବାର ସୁଯୋଗ ମିଳିଯାଉ । କିନ୍ତୁ ଅଲ୍ଲାଃତାଲା ନିଜର ପ୍ରତିଶୃତି ଅନୁଯାୟୀ ବିଶ୍ୱାସକାରୀଙ୍କ ଜମାଅତ୍‌କୁ ଏକ ହସ୍ତରେ ଏକତ୍ରିତ କରିଦେଲେ ଓ ଖିଲାଫତ୍ ବିରୋଧୀଙ୍କୁ, କପଟ ବିଶ୍ୱାସକାରୀମାନଙ୍କୁ ଅକୃତକାର୍ଯ୍ୟ କରିଦେଲେ। ଅଲ୍ଲାଃତାଲାଙ୍କ କୃପାରୁ ଆପଣ ର.ଅଙ୍କ ଖିଲାଫତ୍ ପ୍ରାୟ 52 ବର୍ଷ କାଳ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ଓ ବିଶ୍ୱବ୍ୟାପୀ ଆପଣ ର.ଅ ମିଶନ ହାଉସ୍ ସ୍ଥାପନ କଲେ । ଜମାଅତ୍‌ର ବ୍ୟବସ୍ଥାପିକା, ପରିଚାଳନାଗତ ଢାଞ୍ଚା ଦୃଢୀଭୂତ ହେଲା । ଏହି ସମସ୍ତ କାର୍ଯ୍ୟ ଆପଣ ର.ଅଙ୍କ କାଳରେ ସଂଘଟିତ ହେଲା ।

ପୁନଶ୍ଚ ଆପଣ ର.ଅଙ୍କ ବିୟୋଗ ପରେ ଖିଲାଫତ୍ ସାଲିସାର ଯୁଗ ଆରମ୍ଭ ହେଲା । ହ. ମିର୍ଜା ନାସିର୍ ଅହେମଦ୍ ଖଲିଫତୁଲ୍ ମସିହ୍ ସାଲିସ୍ ର.ଅ ଅଲ୍ଲାଃତାଲାଙ୍କ ସାହାଯ୍ୟ ଓ ସମର୍ଥନ ଦ୍ୱାରା ଖିଲାଫତ୍‌ର ସିଂହାସନରେ ଅଭିଷିକ୍ତ ହୋଇଥିଲେ । ପୁନଶ୍ଚ ଅଲ୍ଲାଃତାଲାଙ୍କ ବିଧିର ବିଧାନ ଅନୁଯାୟୀ ଯେତେବେଳେ ଆପଣ ର.ଅଙ୍କ (ଖଲିଫା ସାଲିସ୍)ଙ୍କ ଅକାଳ ବିୟୋଗ ହେଲା ସେତେବେଳେ ହ. ମିର୍ଜା ତାହିର୍ ଅହେମଦ ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କୁ ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଅ.ସଙ୍କ ଚତୁର୍ଥ ଖଲିଫା ଆସନରେ ଆସନ୍ନିତ କଲେ ଓ ପୁନଶ୍ଚ ଆପଣ ର.ଅଙ୍କ ବିୟୋଗ ପରେ ଅଲ୍ଲାଃତାଲା ମୋତେ (ହ. ଖଲଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କୁ) ଉକ୍ତ ଆସନରେ ଅସନ୍ନିତ ତଥା ଅଭିଷିକ୍ତ କଲେ, ଅଲ୍ଲାଃତାଲା ମୋର ଦୋଷ ଦୁର୍ବଳତା ସତ୍ତ୍ୱେ ହ. ମସିହ୍ ମଉଦ୍ ଅ.ସଙ୍କ ସହିତ କରିଥିବା ପ୍ରତିଶୃତି ଅନୁଯାୟୀ ଜମାଅତ୍‌କୁ ଉନ୍ନତିର ପଥରେ ଅଗ୍ରସର କରାଇ ଚାଲିଛନ୍ତି । ଉକ୍ତ ଅବଧି ମଧ୍ୟରେ ଶତ୍ରୁ ଜମାଅତ୍‌ରେ ପୃଥକତା ସୃଷ୍ଟି କରିବା, ଜମାଅତ୍‌କୁ ସମାପ୍ତ କରିବା, ଭୟଭୀତ କରାଇବାର ଦୁର୍ବାର ଉଦ୍ୟମ କରିଛି । ସଂସାରର ବିଭିନ୍ନ ଦେଶମାନଙ୍କରେ ଅହେମଦିମାନଙ୍କୁ ଶହୀଦ୍ କରାଗଲା, ସାଂସାରିକ ପ୍ରଲୋଭନ ଦିଆଗଲା । କିନ୍ତୁ ଅଲ୍ଲାଃତାଲା ଅହେମଦିମାନଙ୍କୁ ଖିଲାଫତ୍ ସହିତ ସଂପର୍କ ଓ ବିଶ୍ୱାସରେ ଅଭିବୃଦ୍ଧି କରି ଚାଲିଲେ । ସେ ପଛେ ଏସିଆର ଅହେମଦି ହୁଅନ୍ତୁ ଅବା ୟୁରୋପର ଅହେମଦିମାନେ ହୁଅନ୍ତୁ କିମ୍ବା ଅମେରିକାର ଅହେମଦି ହୁଅନ୍ତୁ। ପ୍ରତ୍ୟେକ ବ୍ୟକ୍ତିର ଖିଲାଫତ୍ ସହିତ ଯେଉଁ ସଂପର୍କ ରହିଛି ତାହା କେବଳ ଓ କେବଳ ଅଲ୍ଲାଃତାଲା ହିଁ ସୃଷ୍ଟି କରିପାରିବେ । କୌଣସି ମନୁଷ୍ୟ ମଧ୍ୟରେ ଉକ୍ତ ଶକ୍ତି ନାହିଁ ଯେ, ସେ ଏହିପରି ପ୍ରେମ ଓ ନିଷ୍ଠାପୂର୍ଣ୍ଣ ସଂପର୍କ ସୃଷ୍ଟି କରିପାରିବ ଯେଉଁ ସଂପର୍କ ଜମାଅତ୍‌ର ସଦସ୍ୟବୃନ୍ଦଙ୍କର ଖିଲାଫତ୍ ସହିତ ରହିଛି ଓ ଉପସ୍ଥିତ ଖଲିଫାଙ୍କୁ ଜମାଅତ୍ ସହିତ ରହିଛି ।

ହୁଜୁର୍ ଅନ୍‌ୱର୍ ଅ.ବ କୁହନ୍ତି: ମୁଁ ଯେଉଁ ଦେଶକୁ ବି ଯାଏ ସେଠାରେ ଏହି ଦୃଶ୍ୟ ଅବଲୋକନ କରିଥାଏ ଓ ଏହା କେବଳ କଥା କି କାହାଣୀ ନହେଁ ବରଂ ଆଜିକାଲି ତ' କ୍ୟାମେରାର ଚକ୍ଷୁ ମଧ୍ୟ ଏହାକୁ ସୁରକ୍ଷିତ କରିନେଇଥାଏ । ଅର୍ଥାତ୍ ମୋର ବକ୍ତବ୍ୟକୁ ଓ ମୋତେ ରେକର୍ଡ଼ (କୈଦ୍) କରିନେଇଥାଏ । ଏମ୍.ଟି.ଏ ଏହି ଦୃଶ୍ୟକୁ ଦେଖାଉଛି । ଅର୍ଥାତ୍ ପ୍ରସାରଣ କରୁଛି । ଏହାକୁ ଦେଖି ବିରୋଧୀମାନେ ମଧ୍ୟ ଏହା କହିବା ପାଇଁ ବାଧ୍ୟ ଅଟନ୍ତି ଯେ, ଅଲ୍ଲାଃତାଲାଙ୍କର ବ୍ୟବହାରିକ ସାକ୍ଷ୍ୟ ମଧ୍ୟ ତୁମ ସହିତ ରହିଛି । ପୁନଶ୍ଚ ସହସ୍ର (ହଜାର ହଜାର) ପତ୍ର ପ୍ରତ୍ୟେକ ମାସରେ ମୋତେ ହସ୍ତଗତ ହେଉଛି । ସେହି ପତ୍ରମାନଙ୍କରେ ଉଲ୍ଲେଖକାରୀମାନେ ଉକ୍ତ କଥାର ପରିପ୍ରକାଶ କରିବା ନିମନ୍ତେ କି ସେମାନଙ୍କର ଜମାଅତ୍ ସହିତ କିପରି ନିଷ୍ଠା ଓ ବିଶ୍ୱସ୍ତତାର ସଂପର୍କ ରହିଛି ? ଅଲ୍ଲାଃତାଲା ସ୍ୱୟଂ ଲୋକମାନଙ୍କୁ କିପରି ଖିଲଫତ୍ ସହିତ ସଂଯୋଗ କରିଥାଆନ୍ତି ଓ କିପରି ସେମାନଙ୍କ ହୃଦୟରେ ଖିଲାଫତ୍ ସହିତ ପ୍ରେମମୂଳକ ସଂପର୍କ ସ୍ଥାପନ କରିଦେଇଥାଆନ୍ତି ।

ବର୍ତ୍ତମାନ ମୁଁ କେତେକ ପତ୍ରର ନମୁନା ଆପଣମାନଙ୍କ ସମକ୍ଷରେ ଉପସ୍ଥାପିତ କରିଦେବାକୁ ଚାହୁଁଛି । ସେହି ପତ୍ରଗୁଡ଼ିକ ଏହା ପ୍ରକାଶ କରୁଛନ୍ତି ଯେ, କିପରି ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଅ.ସଙ୍କ ସତ୍ୟତା ଆଡ଼କୁ ଲୋକମାନଙ୍କର ମାର୍ଗଦର୍ଶନ କରୁଛନ୍ତି ଓ ପୁନଶ୍ଚ ଉକ୍ତ କଥା ମଧ୍ୟ ଲୋକମାନଙ୍କ ହୃଦୟରେ ସୃଷ୍ଟି କରନ୍ତି ଯେ, ହ. ମସିହ୍ ମଉଦ୍ ଅ.ସଙ୍କ ପରେ ଆପଣ ଅ.ସଙ୍କ ଖିଲାଫତ୍ ଯାହାକି ଅବ୍ୟାହତ ବ୍ୟବସ୍ଥା ଅଟେ । ଏହା ଅଲ୍ଲାଃତାଲାଙ୍କର ବିଶେଷ ସାହାଯ୍ୟ ଓ ସମର୍ଥନକୁ ଘେନି ଜାରି ରହିଛି ।

ତାନ୍‌ଜାନିୟାରେ ମୁୱାନ୍‌ଜେ (Mwanza) ଅଞ୍ଚଳ ରହିଛି । ମୁଅଲ୍ଲିମ୍ ସାହେବ ସେଠାରୁ ରିପୋର୍ଟ ପ୍ରଦାନ କରନ୍ତି ଓ ଉଲ୍ଲେଖ କରନ୍ତି ଯେ, ଦିନେ ନମାଜ୍ ଫଜର୍ ପରେ ମୁବଲ୍ଲିଗ୍ ସାହେବଙ୍କ ସହିତ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ସହିତ ଆମେମାନେ ସାକ୍ଷାତ୍ କରିବା ଉଦ୍ଦେଶ୍ୟରେ ଗଲୁ । ନମାଜ ଜୁହର୍ ପୂର୍ବରୁ ଆମେମାନେ ଯେତେବେଳେ ମସ୍‌ଜିଦ୍‌ରେ ପୁନଃ ଫେରିଲୁ ସେତେବେଳେ ମସ୍‌ଜିଦ୍‌ର ଶିଢି (ନିଶୁଣୀ) ଉପରେ ଜନୈକା ମହିଳାଙ୍କୁ ଦେଖିଲୁ । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ପରେ ଜଣା ପଡ଼ିଲା ଯେ, ସେ ଦୁଆ କରାଇବା ନିମନ୍ତେ ଆସିଛନ୍ତି । ପ୍ରାୟତଃ ତାଙ୍କର ଏହିପରି ଚିନ୍ତାଧାରା ରହିଥିଲା ଯେ, ଅଣଅହେମଦି ଜମାଅତ୍ ତଥା ମୁସଲମାନମାନଙ୍କ ମଧ୍ୟରେ ଝଡ଼ା ଫୁଙ୍କା ଆଦିର ପରମ୍ପରା ପ୍ରଚଳନ ରହିଛି ଠିକ୍ ସେହିପରି ଆମେମାନେ ମଧ୍ୟ କୁଆଡ଼େ ଝଡ଼ା ଫୁଙ୍କା କରିଥାଉ । ଅର୍ଥାତ୍ ଦମ୍ ଦୁରୁ ବା ଝଡ଼ା ଫୁଙ୍କା । ସୁତରାଂ ମୁବଲ୍ଲିଗ୍ ସାହେବ ତାଙ୍କୁ ଜମାଅତ୍‌ର ଶିକ୍ଷା ସହିତ ଅବଗତ କରାଇଲେ ଓ ତାଙ୍କ ପାଇଁ ସେଠାରେ ଦୁଆ ମଧ୍ୟ କରାଇଲେ । ଉକ୍ତ ମହିଳା ଜଣକ କୁହନ୍ତି ଯେ, ମୋ ସ୍ୱପ୍ନରେ ଜଣେ ବ୍ୟକ୍ତି ଆସୁଛନ୍ତି ଯାହାଙ୍କର ଲମ୍ବା ଦାଢି, ଗହମ ବର୍ଣ୍ଣର ମୁଖ ମଣ୍ଡଳ, ସେ ମୋତେ ଏହିପରି ଧର୍ମ ସଂପର୍କରେ ବୁଝାଉଛନ୍ତି ଯେପରି ଆପଣ (ମୁବଲ୍ଲିଗ୍ ସାହେବ) ବୁଝାଉଛନ୍ତି । ପ୍ରତ୍ୟୁତ୍ତରରେ ମହୋଦୟାଙ୍କୁ ଜମାଅତ୍‌ର ପରିଚୟ ପ୍ରଦାନ କରାଇ ଦିଆଗଲା । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଓ ଖଲିଫାମାନଙ୍କର ଛବି ତାଙ୍କୁ ଦେଖାଇ ଦିଅଗଲା । ତାଙ୍କ କହିବା କଥା ଯେ, ସେହି ମହିଳାଙ୍କୁ ଯେଉଁ ବ୍ୟକ୍ତି ସ୍ୱପ୍ନରେ ଆସି ଧର୍ମ ସଂକ୍ରାନ୍ତରେ ବୁଝାଉଥିଲେ ତାଙ୍କର ମୁଖମଣ୍ଡଳ ହ. ମସିହ୍ ମଉଦ୍ ଅ.ସ କିମ୍ବା ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ସହିତ ମିଶୁଛି । ଏହାପରେ ଉକ୍ତ ମହିଳା ଜଣକ ନିଜର ତିନି ସନ୍ତାନ ସମେତ ବୈଅତ୍ କରିନେଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସାଂପ୍ରତିକ କାଳରେ ମଧ୍ୟ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ମୁଖମଣ୍ଡଳ ମଧ୍ୟ ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ଅବଲୋକିତ କରାଯାଇଛି ।

ପୁନଶ୍ଚ ଇଣ୍ଡୋନେସିଆର ଜିଲ୍ଲା ପଶ୍ଚିମ କାଲମୁନ୍‌ତାନ୍ ରହିଛି । ସେଠାକାର ଏକ ଅଞ୍ଚଳ ରହିଛି ସେହି ଅଞ୍ଚଳରେ ଜଣେ ଅଧିବାସୀ ଅଟନ୍ତି ଯାହାଙ୍କର ନାମ ହେଲା ଅବ୍‌ଦୁଲ୍ଲାଃ ସାହେବ । ସେ ନିଜର ପତ୍ନୀ ଓ ସନ୍ତାନମାନଙ୍କ ସହିତ ବୈଅତ୍ କଲେ । ଜମାଅତ୍ ସହିତ ତାଙ୍କର ସଂପର୍କ 2019 ମସିହାରୁ ରହିଥିଲା । ସେ ମୁବଲ୍ଲିଗ୍ ସାହେବଙ୍କ କଥାରୁ ଗଭୀର ଭାବରେ ପ୍ରଭାବିତ ଥିଲେ । ଅତଃ ସେ ଆମ ମସ୍‌ଜିଦ୍‌କୁ ଯିବା ଆସିବା କରୁଥିଲେ । କାରଣ ତାଙ୍କର ଏହି ଚିନ୍ତାଧାର ରହିଥିଲା ଯେ, ଉକ୍ତ ମୌଲବୀ ଜଣକ ଅନ୍ୟ ମୌଲବୀମାନଙ୍କ ଠାରୁ ସଂପୂର୍ଣ୍ଣ ଭିନ୍ନ ଅଟନ୍ତି। ସେ ଯାହା ହେଉ ତାଙ୍କର ଏହିପରି ଆମର ମିଶ୍‌ନାରୀଙ୍କ ସଂସ୍ପର୍ଶରେ ଆସିବା ଯୋଗୁଁ ସେହି ଅଞ୍ଚଳର ମୌଲବୀମାନେ ଓ ମୁହଲ୍ଲାବାସୀମାନେ ତାଙ୍କ ଉପରେ ଆରୋପ ଲଗାଇ ତାଙ୍କୁ ସେଠାରୁ ବେଦଖଲ (ବାସନ୍ଦ) କରିଦେଲେ ଏବଂ ତାଙ୍କୁ ମସ୍‌ଜିଦ୍ ମଧ୍ୟ ଆସିବାକୁ ଦେଉ ନଥିଲେ । ସେ କହିଲେ ଯେ, ମୁଁ ସ୍ୱପ୍ନରେ ଦେଖିଲି ଯେ, ମୁଁ ଏପରି ଏକ ଭଉଁରୀରେ ଫସି ଯାଇଛି ଯେ, ମୁଁ ତହିଁରେ ବୁଡ଼ିଯିବ । ଭଉଁରୀ ମୋତେ ବୁଡ଼ାଇଦେବ । **(ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ.......)**

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan